## ଆସୁଛି ଫଗୁ ପୂର୍ଣ୍ଣମୀ

# ସାକରପଟି ତିଆରିରେ ବ୍ୟସ୍ତ ଗୁଡ଼ିଆ ସମ୍ପ୍ରଦାୟ

**ବରଗଡ଼, ୨୩।୩(ସମିସ)**

ଆସନ୍ତା ସୋମବାର ଫଗୁଣ ପୂର୍ଣ୍ଣିମା। ଚଳଚଞ୍ଚଳ ଗାଁଠୁ ସହର। ଫଗୁଣ ପୂର୍ଣ୍ଣିମାରେ ଓଡ଼ିଶାର ପ୍ରତ୍ୟେକ ଘରେ ବିଶେଷ କରି ପଶ୍ଚିମ ଓଡ଼ିଶାରେ ଦେବାଦେବୀ ମନ୍ଦିର ତଥା ଘରେ ଘରେ ପୂଜାର୍ଚ୍ଚନା ହେବା ସହ ନୂଆ ବନ୍ୟ ଜାତ ଫଳ ଆମ୍ବ, ଚାର, ମହୁଲ ସହ ଗୁଡରେ ତିଆରି ସାକରପଟିକୁ ଭୋଗ ଲଗାଯାଏ। ତେବେ ବର୍ଷକରେ ଥରେ ଏହି ସାକରପଟିର ଚାହିଦା ଥିବାରୁ ଭଲ ଦିଦ' ପଇସା ରୋଜଗାର ଆଶାରେ ବରଗଡ଼ ଜିଲ୍ଲା ଅତାବିରା ବ୍ଲକ ଲସ୍ତଲା ଗ୍ରାମର ଗୁଡ଼ିଆ ସମ୍ପ୍ରଦାୟ ଲୋକେ ସାକରପଟି ତିଆରିରେ ସପରିବାର ଲାଗି ପଡ଼ିଛନ୍ତି। ସାକରପଟି ଫାଲଗୁନ ପୂର୍ଣ୍ଣମୀ ଦିନ ବିଭିନ୍ନ ଦେବାଦେବି ମନ୍ଦିରରେ ମୁଖ୍ୟ ଭୋଗ ରୂପେ ଲାଗି ହୋଇଥାଏ ଏହି ସାକରପଟି। କେବଳ ପୂର୍ଣ୍ଣମୀ ଦିନ ନୁହଁ, ଚୈତ୍ରମାସର ମଙ୍ଗଳବାର ଦିନ ହେଉଥିବା ମା' ମଙ୍ଗଳାଙ୍କ ପୂଜାରେ ମଧ ଭୋଗ ରୂପେ ଲାଗିହୁଏ। ବିଶେଷତଃ ପଶ୍ଚିମ ଓଡ଼ିଶାରେ ଏହାର ଚାହିଦା ବେଶୀ ରହିଥିବାବେଳେ ଗୁଡ଼ିଆ ସମ୍ପ୍ରଦାୟର ଲୋକେ ଏହାକୁ ତିଆରି କରିଥାନ୍ତି। ପ୍ରଥମେ ଭେଲା ଗୁଡ଼କୁ ଅଳ୍ପ ପରିମାଣର ପାଣି ଦେଇ ମାଟି ହାଣ୍ଡି ଦ୍ୱାରା ନିଆଁରେ ଫୁଟାଯାଏ। ଗୁଡ଼ ଫୁଟିଗଲା ପରେ ତାକୁ ତେଲ ଦିଆଯାଇଥିବା ପଥର ଶିଳରେ ଢଳାଯାଇ ଥଣ୍ଡା କରାଯାଏ। ଥଣ୍ଡା ହେବା ପରେ ତାକୁ ଏକ ଗୋଜିଆ ଖମ୍ବରେ ରଖି ଟଣାଯାଏ। ଧୀରେ ଧୀରେ ଏହାର ରଙ୍ଗ ପରିବର୍ତ୍ତନ ହୋଇ ସୁନେଲି ରଙ୍ଗ ପରି ଦେଖାଯାଏ। ଏହାପରେ ନିଆଁରେ ଦେଖାଇ ତାକୁ ସୁତା ପରି ବାହାର କରାଯାଏ ଏବଂ ତାକୁ ବିଭିନ୍ନ ଆକୃତି ଦେଇ ସାକରପଟି ତିଆରି କରାଯାଏ। ସାକରପଟି ତିଆରି ହେବାପରେ ତାକୁ ଓଦା କନାରେ ଗୋଡାଇ ଥଣ୍ଡା କରାଯାଏ ଓ ପରେ ତାକୁ ଖରାରେ ଶୁଖାଇ ବଜାରକୁ ବିକ୍ରି କରିବା ପାଇଁ ନିଆଯାଏ। ଏହି ସାକରପଟି ମୁଖ୍ୟତଃ ବରଗଡ଼ ଜିଲ୍ଲା ଅତାବିରା ବ୍ଲକ ଲସ୍ତଲା ଗ୍ରାମର ଗୁଡ଼ିଆ ସମ୍ପ୍ରଦାୟର ଲୋକ ତିଆରି କରିଥାନ୍ତି। ପୂର୍ବ ପୁରୁଷରୁ ସାକରପଟି ତିଆରିକୁ ନିଜର କୌଳିକ ବୃତ୍ତି ଭାବେ ଆଦରି ନେଇଥିବା ଏହି ଗୁଡ଼ିଆ ପରିବାର ପ୍ରତିବର୍ଷ ଏହିଦିନକୁ ଅପେକ୍ଷା କରି ରହିଥାନ୍ତି ଏବଂ ଗୋଟିଏ ମାସ ପୂର୍ବରୁ ଏହି କାମରେ ଲାଗି ପଡ଼ିଥାନ୍ତି। ଗୋଟିଏ ଦିନରେ ୧୫ ରୁ ୨୦ କେଜି ପର୍ଯ୍ୟନ୍ତ ସାକରପଟି ତିଆରି କରିଥାନ୍ତି। ଫଗୁଣ ପୂର୍ଣ୍ଣିମା ଏବଂ ଚୈତ୍ର ମାସରେ ଏହାର ଚାହିଦା ଥିବାରୁ ପଶ୍ଚିମ ଓଡ଼ିଶାର ବିଭିନ୍ନ ପ୍ରାନ୍ତ ସହିତ ଛତିଶଗଡ଼ ରାଜ୍ୟରୁ ବେପାରୀମାନେ ସାକରପଟି ନେବାକୁ ଲସ୍ତଲା ଗ୍ରାମକୁ ଆସିଥାନ୍ତି। ତେବେ ଦିନକୁ ଦିନ ଭଲ ଗୁଡ଼ ଓ କାଠର ଅଭାବ ସାଙ୍ଗକୁ ପରିଶ୍ରମ ମୁତାବକ ଉଚିତ ଲାଭ ମିଳୁ ନ ଥିବା ଅଭିଯୋଗ କରିଛନ୍ତି ଗୁଡିଆ ପରିବାରର କାରିଗର। ଯାହାକୁ ନେଇ ଲସ୍ତଲା ଗ୍ରାମରେ ଅନେକ ଗୁଡ଼ିଆ ସମ୍ପ୍ରଦାୟ ପରିବାର ସାକରପଟି ତିଆରି ଛାଡି ଦେଇଥିବା ଦେଖିବାକୁ ମିଳିଛି। ତଥାପି ଗ୍ରାମର କିଛି ଗୁଡ଼ିଆ ସମ୍ପ୍ରଦାୟର ଲୋକେ ଏହାକୁ ବଞ୍ଚାଇ ରଖିଛନ୍ତି ବୋଲି ସଞ୍ଜୀବ କୁମାର ସାହୁ କହିଛନ୍ତି।





# ଝାଙ୍କରପଡ଼ାରେ ଷୋହଳପ୍ରହର ନାମଯଜ୍ଞ

**ପଦ୍ମପୁର, ୨୩।୩(ସମିସ):** ପଦ୍ମପୁର ଝାଙ୍କରପଡ଼ା ଠାରେ ହେଉଥିବା ଷୋହଳ ପ୍ରହରୀ ନାମଯଜ୍ଞରେ ବିଜେଡି ନେତା ପ୍ରୀତମ ମେହେର ଯୋଗଦାନ କରି ପ୍ରଭୁଙ୍କ ଦର୍ଶନ କରିବା ସହ ଅଞ୍ଚଳବାସୀଙ୍କ ମଙ୍ଗଳ କାମନା କରିଥିଲେ। ପ୍ରତ୍ୟହ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତ ଯୋଗଦାନ କରିଥିଲେ। ବିଭିନ୍ନ ଗ୍ରାମାଞ୍ଚଳରୁ ଆସୁଥିବା ଭଗବତ ପ୍ରେମୀମାନଙ୍କ ପାଇଁ ଆୟୋଜକମାନେ ସମସ୍ତ ପ୍ରକାର ବ୍ୟବସ୍ଥା କରୁଛନ୍ତି। ଶ୍ରଦ୍ଧାଳୁ ଭକ୍ତମାନଙ୍କ ପାଇଁ ଅନ୍ନଭୋଗର ବ୍ୟବସ୍ଥା କରାଯାଇଛି। ରବିବାର ଷୋହଳ ପ୍ରହର ନାମ ଯଜ୍ଞର ପୂର୍ଣ୍ଣାହୁତି ପଡ଼ିବ ବୋଲି କମିଟି ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।



# ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ ଉଦ୍‌ଯାପିତ


**ଝାରବନ୍ଧ, ୨୩।୩ (ସମିସ):** ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ ମହିମା ଧର୍ମି ସାଧୁସନ୍ଥମାନଙ୍କ ଦ୍ୱାରା ଓଡ଼ିଶା-ଛତିଶଗଡ଼ ସୀମାନ୍ତ ଚର୍ଦାପାଲି ଠାରେ ସ୍ଥିତ ଅଲେଖ ମହିମା ଆଶ୍ରମରେ ତ୍ରିଦିବସୀୟ ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ ସମାପନ ହୋଇଯାଇଛି। ଆଶ୍ରମର ଅଧିଷ୍ଠାତା ସାଧୁ ବଳରାମ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଶତାଧିକ ମହିମାଧର୍ମି ସାଧୁ ଯୋଗଦାନ କରି ବିଶ୍ୱରେ ଶାନ୍ତି ପ୍ରତିଷ୍ଠା, ସମାଜର ମଙ୍ଗଳ ପାଇଁ ଅହୋରାତ୍ର ଅଖଣ୍ଡ ଦୀପ ପ୍ରଜ୍ୱଳନ ସହ ଘୃତାହୂତି କରିଥିଲେ। ବ୍ରହ୍ମାବଧୁତ ରବୀନ୍ଦ୍ର ବାବା, ସାଧୁ ନୃସିଂହ ଦାସ, ସାଧୁ ଗିରିଜା ଶଙ୍କର ଦାସ, ସାଧୁ ବଳରାମ ଦାସ, ସାଧୁ ରମାନନ୍ଦ ଦାସ, ସୁମନ୍ତ ତ୍ୟାଗୀ, ସୁବୋଧ ତ୍ୟାଗୀ ଓ ଅନ୍ୟନେତୃ ମଣ୍ଡଳୀ ଯୋଗଦାନ କରିଥିଲେ। ଉପାସୀ ନାଏକ, ବାଳକୃଷ୍ଣ ନାଏକ ଦମ୍ପତି ମୁଖ୍ୟ କର୍ତ୍ତା ଭାବରେ ଯଜ୍ଞ ସମ୍ପାଦନ କରିଥିଲେ। ଛତିଶଗଡ଼ ଓ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତ ଅଲେଖ ମହିମା ଠାକୁରଙ୍କ ଆଶିର୍ବାଦ ନେଇଥିଲେ। ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ସରେଇପାଲି (ଛତିଶଗଡ଼) ବିଧାୟିକା ଚାତୁରୀ ନନ୍ଦ, ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ, ଜିଲ୍ଲା କଂଗ୍ରେସ ଉପ ସଭାପତି ଟଙ୍କଧର ସାହୁ, ପୂର୍ବତନ ଜିଲ୍ଲା ପରିଷଦ ଅଧକ୍ଷା ମୁକ୍ତା ସାହୁ, ବିଜୟାନନ୍ଦ ପଟ୍ଟନାୟକ, ମୁଜାଫର ହୁସେନ, ବିକାଶ ବହିଦାର, ଦିଲ୍ଲୀପ ଦାନି, ଡା ଲମ୍ବୋଦର ପଣ୍ଡା, ଗୋବର୍ଦ୍ଧନ ଅଗ୍ରୱାଲ, ସରୋଜ ସାମଲ, ରାମଲାଲ ପଟେଲ ପ୍ରମୁଖ ବ୍ୟକ୍ତି ଯୋଗଦାନ କରିଥିଲେ। ଆଠଭଜନ ସହ ଚର୍ଦାପାଲି, କୁଲାଣ୍ଟି, ମେଦିନୀପୁର, ବୁକୁରାମୁଣ୍ଡା, ଗମ୍ଭାରିଡିହି, ବୈତାଳଭଟା କୀର୍ତ୍ତନ ଦଳ ବୈଠକୀ କୀର୍ତ୍ତନ ପରିବେଷଣ କରିଥିଲେ। ଆୟୋଜକମାନଙ୍କ ଦ୍ୱାରା ଅନ୍ନ ପ୍ରସାଦର ବ୍ୟବସ୍ଥା କରାଯାଇଥିଲା।



## ଗୋଟିଏ ନମ୍ବରର ଦୁଇ ଗାଡ଼ି

# ଟାଉନ ଥାନା ପୁଲିସର ତନାଘନା

**ବରଗଡ଼, ୨୩।୩(ସମିସ):** ବରଗଡ଼ ସହରରେ ଗୋଟିଏ ନମ୍ବରର ଦୁଇଟି ଗାଡିକୁ ନେଇ ଚର୍ଚ୍ଚା ଜୋର ଧରିଛି। ଗାଡି ଦ୍ୱୟ ବରଗଡ଼ ଟାଉନ ଥାନାରେ ରହିଥିବାବେଳେ ଉଭୟ ଗାଡିର ନମ୍ବର ଓଡି ୧୭ ଏସ୍ ୫୯୮୦ ରହିଥିବା ବେଳେ ଗୋଟିଏ ଗାଡିରେ ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ ଲାଗିଥିବା ବେଳେ ଅନ୍ୟଟି ସାଧାରଣ ନମ୍ବର ପ୍ଲେଟ୍ ଲାଗିଛି। ଏ ନେଇ ଟାଉନ ଥାନା ପୁଲିସ ତନାଘନା ଜାରି ରଖିଥିବାବେଳେ ସବିଶେଷ ତଥ୍ୟ ମିଳିପାରି ନାହିଁ।




# ଖେମେଶରା ମନ୍ଦିର ପ୍ରତିଷ୍ଠା ମହୋତ୍ସବ



**ବରପାଲି, ୨୩।୩ (ସମିସ):** ବରପାଲି ବ୍ଲକ ଖେମେଶରା ଗ୍ରାମରେ ସପ୍ତହବ୍ୟାପୀ ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଛି। ଶନିବାର ପୂର୍ବାହ୍ନରେ ମୁଖ୍ୟ ପଣ୍ଡିତ ରମେଶ ପୁରୋହିତଙ୍କ ନେତୃତ୍ୱରେ ଆଚାର୍ଯ୍ୟ ଅଞ୍ଜନ ପୁରୋହିତ, ବାଲଗୋପାଲ ପୁରୋହିତ ଓ ଲକ୍ଷ୍ମଣ ପୁରୋହିତଙ୍କ ସହାୟତାରେ ନୀତିକାନ୍ତି ଆରମ୍ଭ ହୋଇଥିଲା। ପୂଜାକର୍ତ୍ତା ଭାବରେ ଫିରୋଜ ପଧାନ ଧର୍ମପତ୍ନୀ ବିଣାପାଣି ପଧାନଙ୍କ ସମେତ ସହକାରୀ ପୂଜାକର୍ତ୍ତା ଭାବରେ ଉଜାଗର ସାହୁ ପତ୍ନୀ, ସରୋଜିନୀ ସାହୁ, ରାତ୍ର ପଧାନ ପତ୍ନୀ ଲୋକେଶ୍ୱରୀ ପଧାନ, ପ୍ରମୋଦ ବିଶି ପତ୍ନୀ ସଙ୍ଗୀତା ବିଶି, ଆଲୋକ ବିଶି ପତ୍ନୀ ଲିପି ବିଶି ପ୍ରମୁଖ ପୂଜାକାର୍ଯ୍ୟ ନିର୍ବାହ କରୁଛନ୍ତି। ସପ୍ତ ଦିବସିୟ ଭାବରେ ପରିଚାଳିତ ମନ୍ଦିର ପ୍ରତିଷ୍ଠା ଅବସରରେ କମିଟି ପକ୍ଷରୁ ପ୍ରତିଦିନ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ପରାୟଣ, ପ୍ରବଚନ ପାଠ ସହ କଂସ ଦରବାର କାର୍ଯ୍ୟକ୍ରମ ବ୍ୟବସ୍ଥା କରାଯାଇଛି। ପରିଚାଳନା କମିଟି ଓ ଗ୍ରାମ୍ୟ କମିଟିର ବନବସ ପଧାନ, ରଘୁମଣି ବୁଡେକ, ଜଳନ୍ଧର ପଧାନ, ଧର୍ମସାହୁ, ଲାଲଜି ଚୌଧୁରୀ, ଯୋଗେଶ ବିଶି, ଗୋକୁଳ ପଧାନ, ବିଜୟ ପଟେଲ, ରବୀନ୍ଦ୍ର ନାଥ ବିଶି, ଆନନ୍ଦ ପଧାନ, ଓକିଲ ବିଶ୍ୱାଳ, କମଲ ଅଦାବର, ରଦ୍ର ବିଶି, ବୈଲୋଚନ ବିଶି, ସନ୍ତୋଷ ପାଣିଗ୍ରାହୀ ପ୍ରମୁଖଙ୍କ ସହ ପୂଜା କମିଟି ସଦସ୍ୟମାନେ ସହଯୋଗ କରିଥିଲେ।

# ସ୍ୱର୍ଗତ ଡ଼ା. ଧୀରେନ୍ଦ୍ର ନାଥ ମୁଣ୍ଡଙ୍କ ୯୧ତମ ଜୟନ୍ତୀ ପାଳିତ

**ବରପାଲି, ୨୩।୩(ସମିସ):** ବରପାଲି ଲିଟିଲ ଏଞ୍ଜେଲସ ପବ୍ଲିକ ସ୍କୁଲ ପରିସରରେ ପ୍ରାଣ ପ୍ରତିଷ୍ଠାତା ଡା. ଧୀରେନ୍ଦ୍ର ନାଥ ମୁଣ୍ଡଙ୍କ ୯୧ତମ ଜୟନ୍ତୀ ସମାରୋହ ପାଳିତ ହୋଇଛି। ଏହି ଅବସରରେ ଏକ ରକ୍ତଦାନ ଶିବିର 'ଓଡ଼ିଶା ମୋ ପରିବାର ଜୀବନ ବିନ୍ଦୁ' ସହଯୋଗରେ ଆୟୋଜିତ ହୋଇଥିଲା। ଶିବିରରୁ ୭୩ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ପ୍ରାକ୍ତନ ଅଧକ୍ଷ ଡ.ରବୀନ୍ଦ୍ର କୁମାର ଗଡ଼ତିୟା, ମୋ ପରିବାର ଜିଲ୍ଲା ସଂଯୋଜକ ଗୌରହରି ମିଶ୍ର, ସ୍କୁଲ ପରିଚାଳନା ନିର୍ଦ୍ଦେଶିକା ସୁନିତା ମୁଣ୍ଡ, ଅଧକ୍ଷା ମଧୁସ୍ମିତା ମୁଣ୍ଡ, ପ୍ରସାସନିକ ଅଧିକାରୀ ମିନତି ପ୍ରଧାନ, ଉପାଧକ୍ଷ ସୁଶୀଳ କୁମାର ରଥ, ଡୁଙ୍ଗୁରିପାଲି ସ୍କୁଲ ଅଧକ୍ଷ ଏସ୍‌ପି କଲେତ ପ୍ରମୁଖ ଯୋଗ ଦେଇଥିଲେ।




# ଅବାଧ ଓ ନିରପେକ୍ଷ ନିର୍ବାଚନରେ ହିଁ ଗଣତନ୍ତ୍ର ସୁଦୃଢ଼ ହୁଏ

## ଶିଶୁ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଆଲୋଚନାଚକ୍ର

**ବରଗଡ଼, ୨୩।୩(ସମିସ) :** ଗଣତନ୍ତ୍ରରେ ନିର୍ବାଚନ ଏକ ସୁସ୍ଥ ପରମ୍ପରା। ଅବାଧ, ସ୍ୱଚ୍ଛ ଓ ନିରପେକ୍ଷ ନିର୍ବାଚନରେ ହିଁ ଗଣତନ୍ତ୍ର ସୁଦୃଢ଼ ହୋଇଥାଏ ବୋଲି ବରଗଡ଼ ରାଣାପ୍ରତାପ ସ୍କୁଲ ଭାରତୀ ଶିଶୁ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଶନିବାର ଗଣତନ୍ତ୍ରରେ ନିର୍ବାଚନ ଶୀର୍ଷକ ଆଲୋଚନା ଚକ୍ରରେ ମତପ୍ରକାଶ ପାଇଛି। ସଂସଦର ସଭାନେତ୍ରୀ ଛାତ୍ରୀ ରେଣୁକା ଭୋଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରରେ ପ୍ରଧାନଶିକ୍ଷକ ସୁଦୀପ କୁମାର ରଥ ମୁଖ୍ୟ ଆଲୋଚକ ଭାବେ ଅଂଶଗ୍ରହଣ କରି ଗଣତାନ୍ତ୍ରିକ ବ୍ୟବସ୍ଥା ଓ ନିରପେକ୍ଷ ନିର୍ବାଚନ ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଛାତ୍ରୀ ରୁଚି ମାଝୀ, ଛାତ୍ର ଦେବାନନ୍ଦ ସର୍ଭଙ୍ଗ, କ୍ରିଷ୍ଟିନା ମେହେର ପ୍ରମୁଖ ଯୋଗ ଦେଇଥିଲେ। ସମ୍ପାଦିକା ଅଶ୍ଳେଷା ମହାନନ୍ଦ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ ଛାତ୍ରୀ ସସ୍ମିତା ମହାନନ୍ଦ, ଚିନ୍ମୟୀ ନାଏକ, ଆର୍ ଜୟଶ୍ରୀ, ମୁସ୍କାନ ସା, ଅଞ୍ଜଳି ମହାରଣା, ଆଶିଷ ନାଏକ, ଅଂଶିକା ଦୋରା, ଶ୍ରେୟଂଶି ପ୍ରମୁଖ ଛାତ୍ରଛାତ୍ରୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସମ୍ପାଦିକା ଅଶ୍ଳେଷା ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।



# ବନାଗ୍ନି ପ୍ରଶମନ ସଚେତନତା କର୍ମଶାଳା




**ପାଇକମାଳ, ୨୩।୩ (ସମିସ):** ପାଇକମାଳ ବିନ୍ଧ୍ୟବାସିନୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ନୃସିଂହନାଥ ଏସ୍‌ଏସ୍‌ଡି ହାଇସ୍କୁଲରେ ବନାଗ୍ନି ପ୍ରଶମନ କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଛି। ପ୍ରାକୃତିକ ସବୁଜିମା ପରିବେଶ ଭିତରେ ଜଙ୍ଗଲର ମହତ୍ତ୍ୱ କାହାକୁ ବା ଶାନ୍ତି ପ୍ରଦାନ କରି ନ ଥାଏ। କିନ୍ତୁ ଜଙ୍ଗଲ ନିଆଁ ପରିବେଶ ଓ ପ୍ରକୃତି ପ୍ରେମୀମାନଙ୍କ ହୃଦୟରେ ମଧ ବହୁତ ଦୁଃଖ ଦେଇଥାଏ। ଜନ କଲ୍ୟାଣ ସେବା ଟ୍ରଷ୍ଟ, ବରଗଡ଼ର ପ୍ରତିଷ୍ଠାତା ସଭାପତି ମୁକୁନ୍ଦ ଦାଶ ଏବଂ ନେଚର୍ ବ୍ଲେସିଂ ଟ୍ରଷ୍ଟ, ପାଟଣାଗଡ଼ର ସଭାପତି ସମାଜସେବୀ, ପ୍ରକୃତିବନ୍ଧୁ ପରିବେଶବିତ୍ ଡ଼. ସୁଜିତ କୁମାର ଶତପଥୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଥିବାବେଳେ ସମ୍ମାନିତ ଅତିଥିଭାବରେ ପ୍ରକୃତି ବନ୍ଧୁ ବଡ଼ ଶତପଥୀ ଓ ବିଭୂତି ମୁଣ୍ଡ ଯୋଗଦେଇ ଥିଲେ। ଉଭୟ ଅନୁଷ୍ଠାନର ଅଧକ୍ଷ ଶ୍ୟାମଲାଲ ପ୍ରଧାନ ଏବଂ ପ୍ରଧାନ ଶିକ୍ଷୟିତ୍ରୀ ମୋହିନୀ ଦଳପତି ଉପସ୍ଥିତ ଥିଲେ। ଏହି ଅବସରରେ ବିଭୂତିମୁଣ୍ଡଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇ ଥିଲା। ସେବାପାଇଁ ଟ୍ରଷ୍ଟର ଆଜୀବନ ସଦସ୍ୟ ବଡ଼ ଶତପଥୀ, ସ୍ନେହଲତା ଯାଦବ, ଶ୍ୟାମଲାଲ ପ୍ରଧାନ, ସୁରଥ ସାହୁଙ୍କୁ ସମ୍ମାନିତ କରାଯାଇଥିଲା। କିଶୋର ମିର୍ଦ୍ଧା, ଶ୍ୱେତା ମିଶ୍ର, ଅନିତା ସାହୁ, ବିଦ୍ୟାଳୟ ଓ ମହାବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ। ଶିଶୁ କଳାକାର କୁମାରୀ ଲକ୍ଷ୍ମୀ ପ୍ରିୟାମିର୍ଦ୍ଧା ନୃତ୍ୟ ପରିବେଷଣ କରିଥିଲେ। ଅନୁଷ୍ଠାନର ମୁଖ୍ୟ ଡ.ସୁଜିତ କୁମାର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଦିନରେ ଚାଲିଗଲେ ବାପା-ମା'

# ଋଣ ପରିଶୋଧ ହୋଇ ନ ପାରିବାରୁ ଦୁଇ ନାବାଳକଙ୍କୁ ସମନ

**ବରଗଡ଼, ୨୩।୩(ସମିସ)**

୨୦୨୦ ମସିହାରେ ହୃଦ୍‌ଘାତରେ ବାପାଙ୍କ ମୃତଶ୍ୟ ପରେ ଠିକ ଗୋଟିଏ ବର୍ଷ ପରେ ଅର୍ଥାତ ୨୦୨୧ କରୋନାରେ ମା'ଙ୍କୁ ହରାଇ ଅସହାୟ ହୋଇ ପଡ଼ିଛନ୍ତି ଦୁଇ କଅଁଳ ଶିଶୁ। ଅଜାଆଈ ବହୁ କଷ୍ଟରେ ଏମାନଙ୍କ ଲାଳନ ପାଳନ କରୁଛନ୍ତି। ବାପା ଋଣ ନେଇଥିଲେ, ଏକଥା ସେମାନେ ଜାଣିନାହାନ୍ତି। ଏ ବୟସରେ

### ରାଷ୍ଟ୍ରପତି ଓ ମାନବାଧିକାର କମିଶନଙ୍କ ଦୃଷ୍ଟି ଆକର୍ଷଣ

ଏକଥା ବୁଝିବା ବି ମୁସ୍କିଲ୍। କିନ୍ତୁ ବାପାଙ୍କ ନାମରେ ଥିବା ୪.୯୯ ଲକ୍ଷ ଋଣ ପରିଶୋଧ ମାମଲାରେ ବ୍ୟାଙ୍କର ଅଭିଯୋଗ ଆଧାରରେ ୧୧ ଏବଂ ୭ ବର୍ଷିୟ ଦୁଇ ନାବାଳକଙ୍କୁ ବରଗଡ଼ ଦେୱାନି ଅଦାଲତରୁ ସମନ ହୋଇଥିଲା। ଯାହା କି ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ବଲାଙ୍ଗିର ଜିଲ୍ଲା ନିବାସୀ ତଥା ସୁବର୍ଣ୍ଣପୁର ଜିଲ୍ଲାର ଥାନା ଅଧିକାରୀ ବିଧୁଭୂଷଣ ପୁଟାଙ୍କର ୨୦୨୦ ମସିହା ଜାନୁଆରୀ ମାସରେ ହୃଦ୍‌ଘାତରେ ପରଲୋକ ହୋଇଯାଇଥିଲା। ଗୋଟିଏ ବର୍ଷ ପରେ କରୋନାରେ ତାଙ୍କ ପତ୍ନୀ ସସ୍ମିତାଙ୍କ ମଧ ମୃତ୍ୟୁ ଘଟିଥିଲା। ସେବେଠାରୁ ଏକୁଟିଆ ହୋଇଗଲେ ସେମାନଙ୍କ ଦୁଇ ପୁଅ। ପିତାମାତାଙ୍କ ମୃତ୍ୟୁ ପରେ ଦୁଇ ଭାଇ ସମ୍ବଲପୁର କେନାଡିପା ନିବାସୀ ତାଙ୍କ ଅଜା ସାରଥି



ଧୁରୁଆ(୭୨) ଏବଂ ଆଈ ମୈଥେଳି ଧୁରୁଆ(୭୦)ଙ୍କ ନିକଟରେ ରହିଥିଲେ। ମାତ୍ର ଏପରି ସମୟରେ ଷ୍ଟେଟ୍ ବ୍ୟାଙ୍କ ବରଗଡ଼ ଶାଖାର ଅଭିଯୋଗ ଆଧାରରେ ତାଙ୍କ ବାପା ନେଇଥିବା ଋଣ ପରିଶୋଧ ନେଇ ଉଭୟଙ୍କ ନାମରେ ଅଦାଲତ ସମନ ଜାରି କରିଥିଲା। ଋଣ ପରିଶୋଧ ଭଳି ଘଟଣାରେ କଅଁଳ ଶିଶୁଙ୍କୁ ନାମରେ ସମନ ଜାରି ହେବା ଘଟଣା ପରେ ପରିବାରବର୍ଗଙ୍କ ମଧରେ ଆଲୋଡନ ଖେଳି ଯାଇଥିଲା। ଅଜା ସାରଥୀ ଦୁଇ ଛୁଆଙ୍କୁ ସାଥିରେ ଧରି କୋର୍ଟକୁ ଆସିଥିଲେ ଏବଂ ନିଜେ ଏକା ଅଦାଲତରେ ହାଜିର ହୋଇଥିଲେ। ସାରଥୀ ଧୁରୁଆଙ୍କ କହିବା ଅନୁସାରେ, ଷ୍ଟେଟ୍ ବ୍ୟାଙ୍କରୁ ଆସିଥିବା ନୋଟିସ ଦେଖିବା ପରେ ସେ ଜାଣିବାକୁ ପାଇଥିଲେ ଯେ ତାଙ୍କ ଜ୍ୱାଇଁ ସ୍ୱର୍ଗତ ବିଧୁଭୂଷଣ ପୁଟା ୭ ଲକ୍ଷ ଟଙ୍କାର ଋଣ ନେଇଥିଲେ। ଦରମା ସହିତ ଋଣ ସମ୍ପୃକ୍ତ ହୋଇଥିବାରୁ ୨ ଲକ୍ଷ ଟଙ୍କା ପରିଶୋଧ ହୋଇସାରିଛି। ତାଙ୍କ ଦେହାନ୍ତ ହେବାର ଏକ ବର୍ଷ ପରେ ଋଣ ସହିତ ସୁଧ ଯୋଡି ଦିଆଯାଇଥିବାରୁ ବକେୟା ୪.୯୯ ଲକ୍ଷରେ ପହଞ୍ଚିଛି। ସାରଥୀ ନିଜେ ଜଣେ ଅବସରପ୍ରାପ୍ତ ବୃଦ୍ଧ ଶିକ୍ଷକ। ଉଭୟ ନାତିଙ୍କୁ ପାଳନ ତାଙ୍କ ପାଇଁ କଷ୍ଟକର ହୋଇ ପଡୁଛି। ଏଭଳି ସ୍ଥିତିରେ ଏତେ ଟଙ୍କା ପରିଶୋଧ ତାଙ୍କ ପକ୍ଷରେ ସମ୍ଭବ ନୁହେଁ। ସୁଧ ବାବଦରେ ଥିବା ୧ ଲକ୍ଷ ଟଙ୍କା ଜମା ପାଇଁ କିଛି ସମୟ ମହଲତ ଦେବା ପାଇଁ ଗତ ଅକ୍ଟୋବର ମାସରେ ବ୍ୟାଙ୍କକୁ କହିଥିଲେ। ଏହା ସତ୍ତ୍ୱେ ଜାନୁଆରି ମାସରେ ଋଣ ପରିଶୋଧ ପାଇଁ ତାଙ୍କ ଦୁଇ ନାତିଙ୍କ ପାଖକୁ ସମନ ଆସିଥିଲା। ଏହା କେତେଦୂର ନ୍ୟାୟ ସଙ୍ଗତ ବୋଲି ସେ ପ୍ରଶ୍ନ କରିଛନ୍ତି। ସାରଥୀଙ୍କ କହିବା ଅନୁସାରେ ତାଙ୍କ ଉଭୟ ନାତି ନାବାଳକ ଅଛନ୍ତି। ସେମାନଙ୍କ ଜେଜେ ବିଧୁଭୂଷଣଙ୍କ ବାପାଙ୍କ ମଧ ଦେହାନ୍ତ ହୋଇ ସାରିଛି। ତେଣୁ ବିଧୁଭୂଷଣଙ୍କ ନାମରେ ଥିବା ଭୂ ସମ୍ପତି କିମ୍ବା ଜମା ଟଙ୍କା ମଧ ସେମାନେ ଉଠାଣ କରିପାରିବେ ନାହିଁ। ଏଭଳି ସ୍ଥିତିରେ ଏତେ ଟଙ୍କାର କିଭଳି ପରିଶୋଧ କରିବେ ତାହା ଚିନ୍ତାର କାରଣ ପାଲଟିଛି। ଅପରପକ୍ଷେ ଏହି ଘଟଣାକୁ ନେଇ ଶିଶୁପୁତ୍ର ପ୍ରତୀକ ରାଷ୍ଟ୍ରପତି ଏବଂ ଜାତୀୟ ମାନବାଧିକାର କମିସନଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

# ଛାତ୍ରଛାତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ପଦ୍ମପୁର, ୨୩।୩(ସମିସ):** ପାଇକମାଳ ବ୍ଲକ ଟେମରି କ୍ଲଷ୍ଟର ଅଧୀନସ୍ଥ ବୁକୁରାମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଷ୍ଟମଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଭୁବନେଶ୍ୱର ମହାନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଅବସରପ୍ରାପ୍ତ ସୈନିକ ହର୍ଷବର୍ଦ୍ଧନ ବିଶି, ମୁଖ୍ୟବକ୍ତା ଭାବେ କବି ପରମେଶ୍ୱର ତୁମନିଆ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ଉଦ୍ୟୋକ୍ତା ମଙ୍ଗଲୁ ବରିହା ଯୋଗଦାନ କରିଥିଲେ। ଶିକ୍ଷକ ନିରାକାର ପ୍ରଧାନ, ସହକାରୀ ଶିକ୍ଷୟିତ୍ରୀ ରିତାଞ୍ଜଳି ସାହୁ, ସୁମିତ୍ରା ପାତ୍ର ସହଯୋଗ କରିଥିଲେ।



# ଅଦିନିଆ ଝଡ଼ବର୍ଷାରେ ବ୍ୟାପକ କ୍ଷତି

**ବରପାଲି, ୨୩।୩(ସମିସ)**

ବରପାଲି ଅଞ୍ଚଳରେ ଦୁଇଦିନ ପୂର୍ବରୁ ହୋଇଥିବା ଝଡ଼ବର୍ଷା ଯୋଗୁ ଅନେକ କ୍ଷୟକ୍ଷତି ଘଟିଛି। ଝଡ଼ବର୍ଷା ପ୍ରଭାବରେ ସ୍ଥାନିୟ ମହାଲକ୍ଷ୍ମୀ ରାଇସମିଲର ବାଷ୍ପନିର୍ଗତ ହେଉଥିବା ମୁଖ୍ୟ ଚିମିନିଟି ଭାଙ୍ଗି ଯାଇଥିଲା। ଦେଢ଼ଲକ୍ଷ ମୂଲ୍ୟର କ୍ଷତି ହୋଇଥିବା ମିଲର ପରିଚାଳନା ନିର୍ଦ୍ଦେଶକ ଚନ୍ଦନ ଅଗ୍ରୱାଲ ଜଣାଇଥିଲେ। ସେହିପରି ଆଗଲପୁର ବଜାର ସହିତ ଅଞ୍ଚଳର ବିଭିନ୍ନ ଗ୍ରାମରେ ବଡ଼ବଡ଼ ଗଛ ଭାଙ୍ଗି ଧାନଚାଷ ଉପରେ ଦାଉ ସାଜିଛି। ଗୋପେଇପାଲି ପଞ୍ଚାୟତରେ ବିଦ୍ୟୁତ ପୋଲରୁ କେବୁଲ ତାର ଛିଣ୍ଡି ଯାଇଛି। ବରମକେଲା, ମହଦା, କଟାପାଲି, ପଞ୍ଚାୟତରେ ମଧ ଚାଷ କ୍ଷତି ହୋଇଛି।



# ବଳିଦାନ ଦିବସରେ ସହିଦଙ୍କୁ ଶ୍ରଦ୍ଧାଞ୍ଜଳି

**ବରଗଡ଼, ୨୩।୩(ସମିସ):** ମହାନ କ୍ରାନ୍ତିକାରୀ ଭଗତ ସିଂ, ରାଜଗୁରୁ ଓ ସୁଖଦେବ ଇଂରେଜ ସାମ୍ରାଜ୍ୟବାଦ ବିରୋଧରେ ସଂଗ୍ରାମ କରି ସହିଦ ହୋଇଥିଲେ। ମାର୍ଚ୍ଚ ୨୩ ତାରିଖ ୧୯୩୧ ମସିହାରେ ଏହି ଫାଶୀ ଦିଆ ଯାଇଥିଲା ସେବେଠୁ ଏହି ଦିନକୁ ବଳିଦାନ ଦିବସ ବା ସହିଦ ଦିବସ ଭାବେ ପାଳନ କରାଯାଏ। ସମ୍ବିଧାନ ସୁରକ୍ଷା ମଞ୍ଚ ପକ୍ଷରୁ ବରଗଡ଼ ଗାନ୍ଧୀଛକଠାରେ କ୍ୟାଣ୍ଡେଲ ଲଗାଇ ଶ୍ରଦ୍ଧାଞ୍ଜଳି ଜଣାଯାଇଥିଲା। ଆବାହକ ପବିତ୍ର ଦେହେରୀ, ଚାଷୀନେତା ରମେଶ ମହାପାତ୍ର, ଅଲିମ ରିଜବୀ, ଆଇନଜୀବୀ ରମେଶ ପତି, ଆପ୍ ଜିଲ୍ଲା ସଭାପତି ଭବାନୀ ସାହୁ, ଅସିତ ସାହୁ, ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟର ଅଧ୍ୟକ୍ଷ କିଶୋର ସାହୁ, ସମାଜସେବୀ ଦିବାକର ମାଝୀ, ଶିବାନନ୍ଦ ମଟାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ବଡ଼ଧରା ଗ୍ରାମରେ ଫାଲ୍‌ଗୁନ ଯାତ୍ରା ଉଦ୍‌ଘାଟିତ

**ଅମ୍ବାଭୋନା, ୨୩।୩(ସମିସ):** ପଶ୍ଚିମ ଓଡ଼ିଶାର ସୀମା ବଡ଼ଧରା ଗ୍ରାମରେ ଫାଲ୍‌ଗୁନ ଯାତ୍ରା ଅବସରରେ ରାବଣଦରବାର କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ତିନି ଦିନ ଧରି ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମକୁ ଗ୍ରାମର ଗୌନ୍ତିଆ ସୁବାସ ଚନ୍ଦ୍ର ପଧାନଙ୍କ ଉଦ୍‌ଘାଟିତ କରିଥିଲେ। ମଞ୍ଚାସୀନ ଅତିଥି ଭାବରେ ପୂର୍ବତନ ରୁଚିଦା ସରପଞ୍ଚ ଅନନ୍ତରାମ ସାହୁ, ଆଇନଜୀବୀ ଜୟସିଂହ ପଧାନ, ସତ୍ରାଜିତ ସାହୁ, ୱାର୍ଡ ସଭ୍ୟ ସୁବାସ ପଧାନ, ମନୋହର ପଧାନ, ଲୋକନାଥ ସା, ସମେତ ସୁଧିର ପଧାନ, ବଙ୍ଗାଳୀ ସା, ଟିକେଶ୍ୱର ପଧାନ, ଭୁପତି ପଧାନ, ଲକ୍ଷ୍ମଣ ପଧାନ ପ୍ରମୁଖ ଯୋଗଦେଇ ଥିଲେ। ଗ୍ରାମର ପଣ୍ଡିତ ଗୌରହରି ପଣ୍ଡା ମନ୍ତ୍ରପାଠ କରି ପୂଜାର୍ଚ୍ଚନା କରିଥିବାବେଳେ ତନ୍ମୟ ପଧାନ ମଞ୍ଚ ପରିଚାଳନା ଓ ଉପସ୍ଥାପନା କରିଥିଲେ। ଏହି ଅବସରରେ ଲଙ୍କାଧିପତୀ ରାବଣ ଭୂମିକାରେ ଅଭିନୟ କରୁଥିବା କଳାକାର ବୃନ୍ଦାବନ ପଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉଦ୍‌ଘାଟନୀ ଉତ୍ସବରେ ରାବଣ ରାଜ ଦରବାରରେ ଲଙ୍କାଧିପତିଙ୍କ ରାଜ ଅଭିଷେକ, ରାମଚନ୍ଦ୍ରଙ୍କ ବନବାସ ଗମନ, ସୀତା ହରଣ ଆଦି ଦୃଶ୍ୟ ଅଭିନୀତ ହୋଇଥିଲା।





# ୨୩ତମ ସବଜୁନିଅର ନ୍ୟାସନାଲ ଉସୁ ଚାମ୍ପିଅନସିପରେ ଝାରସୁଗୁଡାର ୪ ପ୍ରତିଯୋଗୀ



**ଝାରସୁଗୁଡ଼ା, ୨୩।୩ (ସମିସ):** ଜାମ୍ମୁ କାଶ୍ମୀରରେ ଅନୁଷ୍ଠିତ ହେବାକୁ ଯାଉଥିବା ୨୩ତମ ସବ ଜୁନିଅର ନ୍ୟାସନାଲ ଉସୁ ଚାମ୍ପିଅନସିପରେ ଭାଗନେବା ପାଇଁ ଝାରସୁଗୁଡା ଜିଲ୍ଲାରୁ ୪ ଜଣ ପ୍ରତିଯୋଗୀ ମନୋନୀତ ହୋଇଛନ୍ତି। ଖେଳାଳିମାନେ ହେଲେ ସଞ୍ଜନା ମେହେର, ଖୁସି କୁମାରୀ ଜେନା, ଆନ୍ୱିତା ତ୍ରିପାଠୀ ଓ ସନୟା ସିଂ। ଏହି ପ୍ରତିଯୋଗିତା ଚଳିତ ମାସ ୨୬ରୁ ୩୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ୨୪ ତାରିଖ ସକାଳୁ ଖେଳାଳିମାନେ ଜମ୍ମୁ ଅଭିମୁଖେ ଯାତ୍ରା କରିବେ ଜିଲ୍ଲା ଉସୁ ସଭାପତି ବିଜୟ ବେହେରା, ସମ୍ପାଦକ ନବୀନ ସିଂ, ଟେକନିକାଲ ଡାଇରେକ୍ଟର ସୁଶାନ୍ତ ଗୁପ୍ତା ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଏହି ଖେଳାଳିମାନେ ପ୍ରତିଯୋଗିତା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତି କରିଛନ୍ତି।

# ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ

**ପଦ୍ମପୁର, ୨୩।୩(ସମିସ):** ସ୍ଥାନୀୟ ମହିଳା ମହାବିଦ୍ୟାଳୟରେ ୨୦ଦିନ ଧରି ଚାଲିଥିବା ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଛି। ଅଧ୍ୟକ୍ଷା କଳ୍ପନା ରଣୀନାଥଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ତାଲିମପ୍ରାପ୍ତ ଛାତ୍ରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରଯାଇଥିଲା। ସଭାରେ ସହ ସଂଯୋଜିକା ସଙ୍ଗୀତା ଗୌନ୍ତିଆ, କାଦମ୍ବିନୀ ପାଣିଗ୍ରାହୀ, ଅଧ୍ୟାପକ ଅନୀଲ ପୁରୋହିତ ଏବଂ ଗୀତା ପୁରୋହିତ ଉପସ୍ଥିତ ଥିଲେ। ଛାତ୍ରୀମାନେ ଶିଖିଥିବା କଳାକୌଶଳ ପ୍ରଦର୍ଶନ କରିଥିଲେ। ନୋଡାଲ ଅଫିସର ଡ. ଚନ୍ଦ୍ରିକା ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।




# ଦେବଗଡ଼ ଥାନାଧିକାରୀ ଡିଜିପି ଆୱାର୍ଡ ପାଇଁ ମନୋନୀତ

**ଦେବଗଡ଼, ୨୩।୩(ସମିସ):** ଉତ୍ତର କେନ୍ଦ୍ରାଞ୍ଚଳ ରେଞ୍ଜ ଅଧୀନ ଦେବଗଡ଼ ପୁଲିସ ଜିଲ୍ଲାର ଏକମାତ୍ର ଆରକ୍ଷୀ ନିରୀକ୍ଷକ ଭାବେ ଡିଜିପି ଡିସ୍କ ଆୱାର୍ଡ ପାଇଁ ଦେବଗଡ଼ ଆଦର୍ଶ ଥାନା ଅଧିକାରୀ



ସରୋଜ ସେଠି ମନୋନୀତ ହୋଇଛନ୍ତି। ରାଜ୍ୟର ବିଭିନ୍ନ ଜିଲ୍ଲାରୁ ମନୋନୀତ ହୋଇଥିବା ପୁଲିସ ଅଧିକାରୀ ଓ କର୍ମଚାରୀଙ୍କ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଶନିବାର ରାଜ୍ୟ ପୁଲିସ ମୁଖ୍ୟାଳୟରୁ ଜାରି କରାଯାଇଥିବା ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଏହା ଜଣାପଡ଼ିଛି। ଡିଜିପି ଆୱାର୍ଡ ପାଇଁ ମନୋନୀତ ଅଧିକାରୀ ଓ କର୍ମଚାରୀଙ୍କୁ ଏପ୍ରିଲ ପହିଲା ଦିନ ରାଜ୍ୟ ପୁଲିସ ପ୍ରତିଷ୍ଠା ଦିବସ ଅବସରରେ ପ୍ରଦାନ କରାଯିବ। ଦେବଗଡ଼ ପୁଲିସ ଜିଲାରୁ ଏକମାତ୍ର ଅଧିକାରୀ ଭାବେ ଆରକ୍ଷୀ ନିରୀକ୍ଷକ ଶ୍ରୀ ସେଠିଙ୍କ ନାମ ଘୋଷଣା ପରେ ପୁଲିସ ବିଭାଗରେ ଖୁସିର ଲହରୀ ଦେଖାଦେଇଛି। ବିଜୁ ପଟ୍ଟନାୟକ ପୁଲିସ ଏକାଡେମୀର ଷଷ୍ଠ ବ୍ୟାଚ ଅଧିକାରୀ ଶ୍ରୀ ସେଠି ପୂର୍ବରୁ ବିଭିନ୍ନ ଜିଲ୍ଲାରେ ତାଙ୍କ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପୁରସ୍କୃତ ହୋଇଛନ୍ତି।

# ମଦ୍ୟପ ଗାଡ଼ି ଚାଳକ ଗିରଫ, ବାଇକ ଜବତ

**ବ୍ରଜରାଜନଗର, ୨୩।୩ (ସମିସ):** ଓରିଏଣ୍ଟ ଥାନା ପୁଲିସ ଚେକିଂ ବେଳେ ମଦ୍ୟପାନ କରି ବାଇକ ଚଳାଉଥିବା ରାମପୁର କଲିୟରୀର ନରେଶ କିଷାନଙ୍କୁ ଗିରଫ କରିଛି। ପୁଲିସ ବାଇକ୍‌କୁ ମଧ ଜବତ କରିଛି।

# ଶ୍ରୀମଦ ଭାଗବତ କଥା ଆୟୋଜିତ

**ବ୍ରଜରାଜନଗର, ୨୩।୩ (ସମିସ):** ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ସ୍ଥାନୀୟ ଲମଟିବାହାଲ ଜ୍ୟୋତିକ୍ଲବ ଠାରେ ଦୀର୍ଘ ବର୍ଷରୁ ଭାଗବତ ମହିଳା ମଣ୍ଡଳ ଓ ଭାଗବତ ମହିଳା ମଣ୍ଡଳୀର ସଭାପତି ସୁପ୍ରଭା ପତିଙ୍କ ତତ୍ତ୍ୱାବଧାନରେ ଶ୍ରୀମଦ ଭାଗବତ କଥା ଆୟୋଜିତ ହୋଇଯାଉଛି। ଚଳିତ ବର୍ଷ ମଧ ଏହି କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଅଞ୍ଚଳର ବହୁ ସଂଖ୍ୟାରେ ମହିଳା ପୁରୁଷ ପ୍ରବଚନ ଶୁଣିବା ପାଇଁ ଭିଡ଼ ହୋଇଥିଲେ। ଆଜି ବରଗଡ଼ ସାଂସଦ ସୁରେଶ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଶୀର୍ବାଦ କାମନା କରିଥିଲେ। କାର୍ଯ୍ୟକ୍ରମରେ ବରଗଡ଼ ଅତାବିରାର କଥାବାଚକ ଗୋବିନ୍ଦ ଚନ୍ଦ୍ର ପଣ୍ଡା ପ୍ରବଚନ ଦେଇଥିବାବେଳେ, ସହଯୋଗୀ ସତ୍ୟବାନ ବେହେରା, ସରୋଜ ସାହୁ, ପୁରୋହିତ ରୋହିତ କୁମାର ହୋତା, ମନୋରଞ୍ଜନ ନାଏକ, ଅଶୋକ ତିୱାରୀ, ମଣ୍ଟୁ ଦାସ ବାଦ୍ୟ ଓ ପାଳିଆ ଭାବରେ ସହଯୋଗ କରିଥିଲେ। ମୁଖ୍ୟକର୍ତ୍ତା ହିସାବରେ କବିନ୍ଦ୍ର ଗୁରୁ, ଧର୍ମ ପତ୍ନି ଦୁଃଶୀଳା ଗୁରୁ ଦାୟିତ୍ୱ ନିର୍ବାହ କରିଥିଲେ। ବିଶେଷ ସହଯୋଗରେ ଜ୍ୟୋତି କ୍ଲବର ସଭାପତି ଅଜିତ କୁମାର ପୁରୋହିତ, ସମ୍ପାଦକ ସୁରେନ୍ଦ୍ର ରାଉତରାୟ, ଟିଙ୍କୁ ପତି, ନବିନ ସିଂ, ସୁନିଲ ନନ୍ଦ, ପ୍ରଦୀପ ପଟେଲ, ମହିଳା ସହଯୋଗୀ ଉଷା ସେନାପତି, ବିଜୟ ଲକ୍ଷ୍ମୀ ବହିଦାର, ସୁକାନ୍ତି ଦୀକ୍ଷିତ, ଅନ୍ନପୂର୍ଣ୍ଣା ପାଢ଼ୀ, ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ। ଏହି ଭାଗବତ କଥା କାର୍ଯ୍ୟକ୍ରମ ସାତଦିନ ଧରି ଚାଲିବ ବୋଲି ସୁପ୍ରଭା ପତି ସୂଚନା ଦେଇଥିଲେ।



# ବାଇକ୍ ଦୁର୍ଘଟଣାରେ ଜଣେ ମୃତ, ୨ ଗୁରୁତର

**ସୋନପୁର, ୨୩।୩ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ସଦର ବ୍ଲକ ଅଧୀନ ଗଡ଼ିଆ ଛକ ନିକଟରେ ଶନିବାର ବିଳମ୍ବିତ ରାତିରେ ବାଇକ୍ ଦୁର୍ଘଟଣା ଯୋଗୁ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସୋନପୁର ବ୍ଲକ ମଲ୍ଲିକମୁଣ୍ଡା ପଞ୍ଚାୟତ ଗାଡିଆ ଗାଁ ଉମେଶ ଧାରୁଆ। ଅନ୍ୟ ୨ ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କ ପରିଚୟ ମିଳିପାରିନାହିଁ। ବାଇକ୍‌ଟି ଭାରସାମ୍ୟ ହରାଇ ଏକ ପୋଲରେ ପିଟି ହୋଇଯିବାରୁ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଘଟଣାସ୍ଥଳରେ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ବାଇକ୍‌ରେ ଥିବା ଅନ୍ୟ ୨ ଆରୋହୀ ଗୁରୁତର ହୋଇଥିଲେ। ୨ ଗୁରୁତରଙ୍କୁ ପ୍ରଥମେ ଜିଲ୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ବୁର୍ଲା ସ୍ଥାନାନ୍ତର କରାଯାଇଛି।

# ବଘରାଚକା ନକ୍‌ଆଉଟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



**ବ୍ରଜରାଜନଗର, ୨୩।୩ (ସମିସ):** ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ରାଜପୁର ପଞ୍ଚାୟତ ବଗରାଚକା ଖେଳପଡ଼ିଆରେ ବଗରାଚକା କ୍ରିକେଟ କ୍ଲବ ଆନୁକୂଲ୍ୟରେ ପଞ୍ଚଦିବସୀୟ ବଗରାଚକା ନକ୍‌ଆଉଟ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ରାଜପୁର ସରପଞ୍ଚ ସରସ୍ୱତୀ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ରାଜପୁର ସମିତି ସଭ୍ୟା ସୁସ୍ମିତା ତନ୍ତୀ, ମରାକୁଟା ସରପଞ୍ଚ ଲିଲି ତନ୍ତୀ, ବିଜେପି ଯୁବନେତା ରାଧେଶ୍ୟାମ ପ୍ରଧାନ, ବିଜେଡି ଯୁବନେତା ପରାଧୀନ ତନ୍ତୀ, ପୂର୍ବତନ ସମିତି ସଭ୍ୟ ଗଣେଶରାମ ବାଗ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଥମ ଉଦ୍‌ଘାଟନୀ ମ୍ୟାଚ ଝାରସୁଗୁଡ଼ା ବେହେରାମାଲ କ୍ରିକେଟ କ୍ଲବ ଓ ବ୍ରଜରାଜନଗର ବୁଢ଼ୀଜାମ କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ବେହେରାମାଲ ଦଳ ବ୍ୟାଟିଙ୍ଗ କରି ସମସ୍ତ ୱିକେଟ ହରାଇ ୧୦୦ ରନ ସଂଗ୍ରହ କରିଥିଲେ। ଏହାର ଜବାବରେ ବୁଢ଼ୀଜାମ ଦଳ ବ୍ୟାଟିଙ୍ଗ କରି ୬ ୱିକେଟ ବିନିମୟରେ ଆବଶ୍ୟକ ରନ୍ ସଂଗ୍ରହ କରି ବିଜୟୀ ହୋଇଛି। ବଗରାଚକା କ୍ରିକେଟ କ୍ଲବର ସଦସ୍ୟ ରାହୁଲ ସା, ରଞ୍ଜନ ମହାନନ୍ଦ, ଲୋକନାଥ ସାହୁ, ଆଶିଷ ସାଏ, ବିମଲ ରାୟ, ସୁନୀଲ ସା, କୋମଲ ସାହୁ, ପିଣ୍ଟୁ କିଷାନ ପ୍ରମୁଖ ସହଯୋଗ କରିଥିଲେ।

**ଭାବ ଭକ୍ତିର ସମ୍ମିଶ୍ରଣ ହିଁ ସଂକୀର୍ତ୍ତନ**

# ଖଲିଆପାଲିରେ ନାମଯଜ୍ଞ ହୀରକ ଜୟନ୍ତୀ ଉଦ୍‌ଯାପିତ

**ବରଗଡ଼, ୨୩।୩(ସମିସ)**

ସଂକୀର୍ତ୍ତନ ହେଉଛି ଭାବ ଭକ୍ତିର ସମ୍ମିଶ୍ରଣ। ବିନା ଭାବ ଓ ଭକ୍ତିରେ ଭଗବାନଙ୍କ ସାନ୍ନିଧ ଲାଭ ଅସମ୍ଭବ ବୋଲି ବରଗଡ଼ ସଦର ବ୍ଲକ ଖଲିଆପାଲି ଠାରେ ନାମ ଯଜ୍ଞର ୮୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଆୟୋଜିତ ହୀରକ ଜୟନ୍ତୀ ଉଦ୍‌ଯାପନୀ ସମାରୋହରେ ମତପ୍ରକାଶ ପାଇଛି। ପଶ୍ଚିମ ଓଡ଼ିଶା କଳାକାର ମହାସଂଘ ସମ୍ପାଦକ ତଥା ଜିଲ୍ଲା ସଙ୍କିର୍ତ୍ତନ ପରିଷଦ ସଂଯୋଜକ ଗୋପବନ୍ଧୁ ପୁରୋହିତଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ବଲପୁରୀ ବସ୍ତ୍ରାଳୟର ସଭାପତି ସମ୍ବିତ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗ ଦେଇ ସଂକୀର୍ତ୍ତନ କଳାକାରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସମ୍ମାନିତ ଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ବିଶିଷ୍ଟ କଣ୍ଠଶିଳ୍ପୀ ମୋତିଲାଲ ଦୋରା, ସାମାଜିକ କର୍ମୀ ଚନ୍ଦ୍ରଶେଖର କାଳିଆ, ଜିଲ୍ଲା ସଂକୀର୍ତ୍ତନ ପରିଷଦ କାର୍ଯ୍ୟକାରୀ ସଭାପତି ପ୍ରମୋଦ ଦାଶ, ସମ୍ପାଦକ ପଣ୍ଡିତ ଜୟଦେବ ପଣ୍ଡା, ଯୋଗିନ୍ଦ୍ର ମହାପାତ୍ର, ବୃନ୍ଦାବନ ଭୋଇ ପ୍ରମୁଖ ଯୋଗଦେଇ ଥିଲେ। ଏହି ଅବସରରେ ଦୀର୍ଘ ୮୦ ବର୍ଷ ଭିତରେ ସଂକୀର୍ତ୍ତନ ସହିତ ଜଡ଼ିତ ରହି ପରଲୋକ ହୋଇଥିବା କଳାକାରଙ୍କୁ ମରଣ ଉପରାନ୍ତ ସମ୍ବର୍ଦ୍ଧନା ଓ ବର୍ତ୍ତମାନ କଳାକୁ ବଞ୍ଚାଇ ରଖିଥିବା ୫୦ରୁ ଊର୍ଦ୍ଧ୍ୱ କଳାକାରଙ୍କୁ ମଧ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିବାବେଳେ ଯଜ୍ଞକର୍ତ୍ତା ପ୍ରଶାନ୍ତ ଦୋରା ଓ ତାଙ୍କ ଧର୍ମ ପତ୍ନୀ ଝିଲି ଦୋରାଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା। ହୀରକ ଜୟନ୍ତୀକୁ ସ୍ମରଣୀୟ ରଖିବା ପାଇଁ ବରଗଡ଼ ଭଗବତ ସଂକୀର୍ତ୍ତନ ମଣ୍ଡଳୀ ସୋମବାର ପାର୍ଟି, ରାଧା ମାଧବ ସଙ୍କିର୍ତ୍ତନ ମଣ୍ଡଳୀ ବରା, ରାଧାମାଧବ ସଂକୀର୍ତ୍ତନମଣ୍ଡଳୀ ବାଗବାଡ଼ି, ଲଖନପୁର ସଂକୀର୍ତ୍ତନମଣ୍ଡଳୀ, ଜୟଦୁର୍ଗା ସଂକୀର୍ତ୍ତନ ମଣ୍ଡଳୀ ଖଣ୍ଡହତା, ରାଧାମାଧବ ସଂକୀର୍ତ୍ତନମଣ୍ଡଳୀ ଭେଡେନ ଉପରପଡ଼ା ପ୍ରମୁଖ ୬ ଟି ସଂକୀର୍ତ୍ତନ ଦଳର ଗାୟକ ଓ ବାୟକ ତଥା ସଂକୀର୍ତ୍ତନଦଳକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲ୍ଲା ସଂକୀର୍ତ୍ତନ ପରିଷଦ ତରଫରୁ ଶ୍ରୀରାମଜୀ ମନ୍ଦିର ସଂକୀର୍ତ୍ତନମଣ୍ଡଳୀ ଖଲିଆପାଲିକୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସମସ୍ତ ଗ୍ରାମବାସୀ ସହଯୋଗ କରିଥିବାବେଳେ ଜଗନ ମହାପାତ୍ର, ନରେନ୍ଦ୍ର ନାଏକ, କାର୍ତ୍ତିକ ମଟାରି ପ୍ରମୁଖ ସହଯୋଗ କରିଥିଲେ।



# କୁଧରେନପାଲି ବିଦ୍ୟାଳୟର ବାର୍ଷିକ ଉତ୍ସବ

**ପଦ୍ମପୁର, ୨୩।୩(ସମିସ):** ପଦ୍ମପୁର ଉପଖଣ୍ଡ କୁଧରେଧପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନଶିକ୍ଷକ ସୁବାସ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବଲାଙ୍ଗିର ଜିଲ୍ଲା ଲୁହାସିଂହାର ସର୍ବୋଦୟ ବିଦ୍ୟାପତି ରାଧାକାନ୍ତ ସୁଆର ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଝାରବନ୍ଧ ବ୍ଲକ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଶିକେଶନ ଶତପଥୀ, ପ୍ରଧାନଶିକ୍ଷକ ଜୁରିଆ ବିଦ୍ୟାଳୟ କିଶୋର ପାତ୍ର, ଅବସରପ୍ରାପ୍ତ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରେମାନନ୍ଦ ବାରିକ, ବାହାଲ ଭଟଲି ପ୍ରଧାନଶିକ୍ଷକ କୁଞ୍ଜବିହାରୀ ପ୍ରଧାନ, ଲଖମରା ସିଆରସିସି ବୈଷ୍ଣବ ପଣ୍ଡା, ବୃଷଭ ସାହୁ ଯୋଗଦାନ କରିଥିଲେ। ରୋହିତ ଡନସନା ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ରୋଷନ ବନିଆ, ଶିକ୍ଷୟିତ୍ରୀ ପଦ୍ମିନୀ ଗଡ଼ତିଆ, ପରିଚାଳନା କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।



ଶେଷ ପର୍ଯ୍ୟାୟରେ ସମ୍ବଲପୁରର 'ରେଲ୍ ଅନ୍ ହ୍ୱିଲ୍'

# ଏଣିକି ବଗି ରେସ୍ତୋରାଁରେ ବସି ଖାଇହେବ

ସମ୍ବଲପୁର, ୨୩।୩(ସମିସ)

ଆଉ ଖାଦ୍ୟ ପାଇଁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ ରେଳ ଯାତ୍ରୀଙ୍କୁ। ସବୁବେଳେ ଖୋଲା ରହିବ ଏହି ହୋଟେଲ। ରେଳ କୋଚ୍‌ରେ ବସି ଖାଦ୍ୟ ଖାଇବାର ମଜା ନେଇ ପାରିବେ ଲୋକେ। ସମ୍ବଲପୁରରେ ଖୁବ ଶୀଘ୍ର ରେଳ ଅନ ହ୍ୱିଲ ରେସ୍ତୋରାଁର ଉଦ୍‌ଘାଟନ ହେବାକୁ ଯାଉଛି। ସମ୍ବଲପୁରୀ ପ୍ରସିଦ୍ଧ ଫିଲ୍ମର ନାମକୁ କୋଚରେ ଚିତ୍ର କରାଯାଇଛି। ସମ୍ବଲପୁର କ୍ଷେତରାଜପୁର ସ୍ଥିତ ମୁଖ୍ୟ ରେଳ ଷ୍ଟେସନ ସମ୍ମୁଖରେ ଏହି ରେସ୍ତୋରାଁର ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଲାଣି। ରେଳ ଡବାରେ ସମ୍ବଲପୁରର ଲୋକକଳା, ଚିତ୍ର, ପରମ୍ପରା, ଐତିହ୍ୟକୁ ଡିଜାଇନରେ ସ୍ଥାନ ଦିଆଯାଇଛି। ଶଳାବୁଢା, ଆଦିମ ଫିଲ୍ମର ନାମ ଲେଖା ହୋଇଛି। ଏହି ରେଳ କୋଚ୍ ରେସ୍ତୋରାଁ ୨୪ଘଣ୍ଟା ଖୋଲା ରହିବ। ଯାହାଦ୍ୱାରା ଟ୍ରେନରେ ଦୂର ଯାଗାକୁ ଯାତ୍ରା କରୁଥିବା ଯାତ୍ରୀମାନେ ସବୁ ସମୟରେ ଖାଦ୍ୟପେୟର ସୁବିଧା ପାଇପାରିବେ। ଏହା ବହୁତ ଆକର୍ଷଣୀୟ ଢଙ୍ଗରେ ନିର୍ମାଣ ଚାଲିଛି। ରେଳ ଡବା ଭିତରେ ରେସ୍ତୋରାଁ ସୁବିଧା ସମସ୍ତଙ୍କୁ ଆକର୍ଷିତ କରିବ। ସେହିଭଳି ଭିତରେ ଟ୍ରେନ ସିଟ୍‌ରେ ବସି ଖାଦ୍ୟା ଖାଇବା ପାଇଁ ସୁବିଧା ରହିବ। ଯାହା ଲୋକଙ୍କୁ ବେଶ ଟାଣି ଆଣିବ। ସୂଚନା ଅନୁସାରେ ସକାଳ ଜଳଖିଆଠୁ ଆରମ୍ଭ କରି ରାତ୍ରି ଖାଦ୍ୟ ପର୍ଯ୍ୟନ୍ତ ସବୁ ଏଠାରେ ମିଳିବ। ଏଠାରେ ସକାଳ ଜଳଖିଆ ପାଇଁ ଶୀଘ୍ର ଉଠୁଥିବା ବ୍ୟକ୍ତି ହେଉ କିମ୍ବା ରାତ୍ରିଭୋଜନ ପାଇଁ ଖୋଜୁଥିବା ବ୍ୟକ୍ତି ରେଷ୍ଟୁରାଣ୍ଟ ଏହାକୁ ସମ୍ପୂର୍ଣ୍ଣ ପୂରଣ କରିବ ବୋଲି ଆଶା କରାଯାଉଛି।ଦେଶି ଶୈଳୀରେ ବିଭିନ୍ନ ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତ କରାଯିବ। କୋଚ୍ ରେସ୍ତୋରାଁକୁ ଆକର୍ଷଣୀୟ କରିବା ପାଇଁ ସମ୍ବଲପୁରୀ ଡିଜାଇନ ମଧ୍ୟ କରାଯିବ। ବାହାର ଅଞ୍ଚଳର ଯାତ୍ରୀ ଯାତ୍ରା କରିବା ସମୟରେ ଏଠାରେ ଖାଦ୍ୟ ଖାଇବା ସହ ସମ୍ବଲପୁରୀ ଚିତ୍ର କଳାର ଭାବାର୍ଥ ଜାଣି ପାରିବେ। ଖାଲିଯେ ବାହାର ଅଞ୍ଚଳର ଯାତ୍ରୀଙ୍କ ପାଇଁ ଏହା ଆକର୍ଷଣୀୟ ନୁହଁ। ସମ୍ବଲପୁର ଜିଲ୍ଲା ବାସୀଙ୍କୁ ମଧ ଏହା ଆକୃଷ୍ଟ କରିବ। ରେଳ କୋଚ୍ ରେସ୍ତୋରାଁରେ ବସି ଖାଇବା ସମ୍ବଲପୁରବାସୀଙ୍କ ପାଇଁ ମଧ ନୂଆଁ ଅନୁଭୂତି ଦେବ ବୋଲି ଚର୍ଚ୍ଚା ହେଉଛି। ବନାରସର ଏକ ସଂସ୍ଥାକୁ ଏହି ନିର୍ମାଣ କାର୍ଯ୍ୟ ଦିଆଯାଇଛି। ଖୁବ ଶୀଘ୍ର ଏହି ରେସ୍ତୋରାଁ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଯିବ ବୋଲି ସୂଚନା ମିଳିଛି।




## ସମ୍ବଲପୁର ବିଶ୍ୱବିଦ୍ୟାଳୟ ଏମ୍‌ବିଏ ବିଭାଗରେ ଆଲୋଚନାଚକ୍ର



**ସମ୍ବଲପୁର, ୨୩।୩(ସମିସ):** ସମ୍ବଲପୁର ବିଶ୍ୱବିଦ୍ୟାଳୟର ଏମ୍‌ବିଏ ବିଭାଗରେ ଦାୟିତ୍ୱବୋଧ ଉପରେ ଦ୍ୱି-ଦିବସୀୟ ରାଷ୍ଟ୍ରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପଟ୍ରୋନାସ ବିଶ୍ୱବିଦ୍ୟାଳୟର ପ୍ରଫେସର ଲରେନ୍ସ ଆରୋକ୍ୟାସାମି, ଭାରତୀୟ ପ୍ରବନ୍ଧନ ସଂସ୍ଥାନ, ଇନ୍ଦୋରର ପ୍ରଫେସର ସୌମ୍ୟରଞ୍ଜନ ଦାଶ ତଥା ଜିଆଇଏମ ଭୁବନେଶ୍ୱରର ପ୍ରଫେସର ମୁନମୁନ ମହାନ୍ତି ବିଭିନ୍ନ ଦିଗ ଉପ ରେ ଆ ଲୋଚନା କରିଥିଲେ। ଦେଶର କୋଣ ଅନୁକୋଣରୁ ଅନେକ ଗବେଷଣାଣକ ଅନୁସନ୍ଧାନ ପରିବେଶିତ ହୋଇଥିବା ସମୟରେ ପ୍ରଫେସର ଦୁଲୁ ପଟ୍ଟନାୟକ, ଟି ଆର୍ ଲ୍ ର ଡାଃ ଆର୍ କେ ସିଂହ, ପ୍ରଫେସର ମୁନମୁନ ମହାନ୍ତି, ହାଲ୍ ର ଡାଃ ରବି ନାରାୟଣ ପାଢ଼ି, ଭିଏସଏସୟୁଟିର ପ୍ରଫେସର ଦେବଦତ୍ତ ମିଶ୍ର, ଶ୍ରୀ ସୁମନ୍ତ କେର୍କେଟ୍ଟା ଓ ଡାଃ ରୋହିତ କୁମାର ମିଶ୍ର ଆଦି ଅଧ୍ୟକ୍ଷତା କରିଥିଲେ। ସମ୍ମିଳନୀ ନିର୍ଦ୍ଦେଶକ ପ୍ରଫେସର ବିଶ୍ୱଜିତ୍ ଶତପଥୀ, ସଂଯୋଜକ ପ୍ରଫେସର ଦେବେନ୍ଦ୍ର କୁମାର ମହାଲିକ, ସମ୍ପାଦକ ଡାଃ ସରୋଜ କୁମାର ସାହୁ, ବିଭାଗ ମୁଖ୍ୟ ତଥା ୱାର୍ଡେନ୍ ପ୍ରଫେସର ତୁଷାରକାନ୍ତି ଦାସ ସଭା ମଞ୍ଚରେ ଉପସ୍ଥିତ ରହି ଉଦଯାପନୀ ସଭା ଆରମ୍ଭ କରିଥିଲେ। ମୁଖ୍ୟ ଅତିଥି ଭାବେ ଟିପିଡବ୍ଲୁଓଡିଏଲ୍ ମାନବ ସମ୍ବଳ ମୁଖ୍ୟ କସ୍ମସ୍ ଲାକ୍ରା ଓ ସେନ୍‌ଟୁରିଆନ୍ ବିଶ୍ୱବିଦ୍ୟାଳୟ ସହ-ପ୍ରତିଷ୍ଠାତା ଓ ସଭାପତି ପ୍ରଫେସର ମୁକ୍ତିକାନ୍ତ ମିଶ୍ର ଯୋଗଦେଇଥିଲେ। ଡ. ଅନୁରାଧା ସାମଲ ମଞ୍ଚ ପରିଚାଳନା କରିଥିଲେ। ଡ. ସରୋଜ କୁମାର ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ।

## ଅଣସଂକ୍ରାମକ ରୋଗ ଚିହ୍ନଟ ଓ ଚିକିତ୍ସା ଶିବିର



**ସମ୍ବଲପୁର, ୨୩।୩(ସମିସ):** ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଅଇଁଠାପାଲି ତରଫରୁ ଆଜି ଗୋପାଳମାଳ ଠାରେ ଅଣସଂକ୍ରାମକ ରୋଗ ଚିହ୍ନଟ ଓ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ଦିଲୀପ କୁମାର ନନ୍ଦଙ୍କ ପରିଚାଳନା କରିଥିଲେ। ଶତାଧିକ ରୋଗୀଙ୍କର ମଧୁମେହ ଓ ରକ୍ତଚାପ, ଓଜନ, ଉଚ୍ଚତା ଅଣ୍ଟାମାପ ପ୍ରଭୃତି ପରୀକ୍ଷା କରାଯାଇ ମାଗଣା ଔଷଧ ବଣ୍ଟନ କରାଯାଇଥିଲା। ଡା. ଆଲୋକ ଦାସ, ଡା. ଆକାଂକ୍ଷା ଶର୍ମା (ଦନ୍ତ ରୋଗ ବିଶେଷଜ୍ଞ) ରୋଗୀମାନଙ୍କର ଚିକିତ୍ସା କରିଥିଲେ। ଡା. ସୋନାଲି ସୋନମ ସାହୁ, ଡା. ସନ୍ତୋଷ ସାହୁ, ସ୍ୱର୍ଣ୍ଣଲତା ପଣ୍ଡା ପ୍ରଭୃତି ରୋଗୀ ମାନଙ୍କର ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଫିଜିଓଥେରାପି ସେବା, ଖାଦ୍ୟପାନୀୟ ନିୟନ୍ତ୍ରଣ ଉପରେ ପରାମର୍ଶ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ରଶ୍ମିତା ଗହୀର, ତରଣୀ ବାଗ, ପୁଷ୍ପାଞ୍ଜଳି ପଟେଲ, ପ୍ରଣତି ପୃଷ୍ଠେଠ ଔଷଧ ବଣ୍ଟନ କରିଥିଲେ। ଗୋପାଳମାଳ ମହିଳା ଆରୋଗ୍ୟ ସମିତିର ସଦସ୍ୟା ଅନୁଜାଲ ଜୟଶ୍ରୀ ବେହେରା, ପ୍ରମିଳା ମହାକୁର, ତୁଳସୀ ରାଜହଂସ, କନକ ସାହୁ, ମମତା ବେହେରା, ସନ୍ତୋଷିନୀ ମହାକୁର, ରାମେଶ୍ୱରୀ ବିଶ୍ୱକର୍ମା, ରାଜକୁମାରୀ ସାହା, ଲକ୍ଷ୍ମୀ ତାଣ୍ଡିଆ, ବସନ୍ତ ମେହେର ସହଯୋଗ କରିଥିଲେ।

## ଦାମ ରାଉତଙ୍କ ବିୟୋଗରେ ବୁର୍ଲା ବିଜେଡିର ଶୋକ

**ବୁର୍ଲା, ୨୩।୩(ସମିସ):** ବିଜୁ ଜନତା ଦଳର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଦାମୋଦର ରାଉତଙ୍କ ବିୟୋଗରେ ବୁର୍ଲା ବିଜେଡି ତରଫରୁ ସ୍ଥାନୀୟ ଡିଏଫ୍‌ସି ଗେଷ୍ଟ ହାଉସ୍ ପରିସରରେ ଏକ ଶୋକ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବୁର୍ଲା ବିଜେଡିର ବରିଷ୍ଠ ନେତା ପ୍ରଦୀପ କୁମାର ମିଶ୍ର, ପ୍ରଫୁଲ୍ଲ କୁମାର ନାୟକ, ଦିଜ ରାଉତ, ନାରୀ ନେତ୍ରୀ ଶାନ୍ତିଲତା କର, ରୁନୁ ନାଏକ, ସରକାରୀ ଓକିଲ ଲକ୍ଷ୍ମୀଧର ମହାନ୍ତି, ଓକିଲ ଶାନ୍ତିସ୍ୱରୂପ ମହାପାତ୍ର, କାଳିଆ ମହାନ୍ତି, ତ୍ରିଲୋଚନ ପ୍ରଧାନ, କ୍ରିଷ୍ଣା ରେଡି, ଧୀର ନିକଣ୍ଡିଆ, ଶଙ୍କର ରେଡି, ଛାତ୍ର ନେତା ଗୌତମ ବେହେରା, ଶ୍ୟାମ ନାଏକ, ପିଣ୍ଟୁ ରାଓ, ସିଦ୍ଧାର୍ଥ ନନ୍ଦ, ସୁନିତା ଛେତ୍ରୀ, ଅର୍ପିତା ଭଦ୍ର, ମନୋଜ ଲୁହା, ଫିରୁ ରାଉତ, ବିନୋଦ ମେହେର, ସୁଶାନ୍ତ ମିଶ୍ର, କିଶୋର ଦେବତା, ନବୀନ ସାମଲ, ସୁଜନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱର୍ଗତ ଆତ୍ମାର ସଦ୍‌ଗତି ପାଇଁ ୧ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା।

## ସନ୍ଥକବି ଭୀମଭୋଇ ଓ ଭୀମାବାଇଙ୍କ ପରିନିର୍ବାଣ ଦିବସ

**ସମ୍ବଲପୁର, ୨୩।୩(ସମିସ):** ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦ ପକ୍ଷରୁ ସାମ୍ବାଦିକ ଭବନଠାରେ ସନ୍ଥକବି ଭୀମଭୋଇ ଓ ଭୀମାବାଇଙ୍କ ପରିନିର୍ବାଣ ଦିବସ ପାଳନ କରାଯାଇଥିଲା। ପରିଷଦର ଅଧ୍ୟକ୍ଷ ନିହାଲ ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କ୍ଷେତ୍ରମଣି ବିଭାର ମୁଖ୍ୟ ଅତିଥି, ସମାଜସେବୀ ପ୍ରଦୀପ କୁମ୍ଭାର ସମ୍ମାନିତ ଅତିଥି, ସମ୍ବଲପୁର ବିଶ୍ୱବିଦ୍ୟାଳୟର ଏସ୍‌ଟି/ଏସ୍‌ସି କର୍ମଚାରୀ ସଂଘର ଉପସଭାପତି ଶିବଶଙ୍କର ପ୍ରଧାନ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପରିଷଦର ମହାସଚିବ ମୋମିନା ଖାତୁନ, ଗିରିଧାରୀ ଖୁରାଙ୍କ ସମେତ ପରିଷଦର ବିଭିନ୍ନ ଅଞ୍ଚଳରୁ ଆସିଥିବା ସଭ୍ୟ ସଭ୍ୟା ମାନେ ଉପସ୍ଥିତ ଥିଲେ।

## ସମ୍ବଲପୁରୀ ଲୋକ ସଂସ୍କୃତି ଉପରେ କର୍ମଶାଳା 'ପରମ୍ପରା' ଉଦ୍‌ଘାଟିତ

**ସମ୍ବଲପୁର, ୨୩।୩(ସମିସ):** ଚନ୍ଦ୍ର ଶେଖର ବେହେରା ଜିଲ୍ଲା ସ୍କୁଲରେ ଗତକାଲି ସମ୍ବଲପୁରୀ ଲୋକ ସଂସ୍କୃତି ଉପରେ କର୍ମଶାଳା "ପରମ୍ପରା" ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ପ୍ରଥମେ ମାଁ ସମଲେଶ୍ୱରୀଙ୍କ ଫଟୋଚିତ୍ରରେ ଡ. ଶ୍ୟାମ ସୁନ୍ଦର ଧର, ରଞ୍ଜନ ସାହୁ, ଶଙ୍କର ପ୍ରସାଦ ପ୍ରଧାନ, ଦିପାଳୀ ଚୌଧୁରୀ, ପ୍ରଧାନଶିକ୍ଷୟିତ୍ରୀ ଲୋକିତା ଦାଶ ଏବଂ ଅଶୋକ କୁମାର ପଟ୍ଟନାୟକ ପ୍ରମୁଖ ଦ୍ୱୀପ ପ୍ରଜ୍ୱଳନ ଓ ପୁଷ୍ପମାଲ୍ୟ ଅର୍ପଣ କରି କର୍ମଶାଳାର ଶୁଭାରମ୍ଭ କରିଥିଲେ। ୭ ଦିନ ଧରି ହେବାକୁ ଥିବା ଏହି କର୍ମଶାଳାରେ ସ୍କୁଲର ଛାତ୍ରଛାତ୍ରୀ ଭାଗ ନେବେ। ଏଥିରେ ସମ୍ବଲପୁରୀ ଲୋକସଂସ୍କୃତିର ନୃତ୍ୟ, ବାଦ୍ୟ, ସଂଗୀତ ଶିକ୍ଷା ପ୍ରଦାନ କରାଯିବ। ନୃତ୍ୟରେ ଗୁରୁ ରଞ୍ଜନ କୁମାର ସାହୁ ଓ ଦିପାଳୀ ଚୌଧୁରୀ, ସଂଗୀତରେ ଗୁରୁ ଶଙ୍କର ପ୍ରସାଦ ପ୍ରଧାନ, ଅଶୋକ କୁମାର ପଟ୍ଟନାୟକ ଶିକ୍ଷା ପ୍ରଦାନ କରିବେ। ଲୋକ ସଂସ୍କୃତିର ସୈଦ୍ଧାନ୍ତିକ ଉପରେ ଡ. ଶ୍ୟାମ ସୁନ୍ଦର ଧର ଓ ଦିପାଳୀ ଚୌଧୁରୀ ଶିକ୍ଷା ପ୍ରଦାନ କରିବେ। ସୂଚନାଯୋଗ୍ୟ ଯେ, ସହରର ସରକାରୀ ସ୍କୁଲ ମାନଙ୍କରେ ଏପରି କର୍ମଶାଳା ଆୟୋଜନ କରିବାରେ ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲ ପ୍ରଥମ ଅଟେ। ଜିଲ୍ଲା ସ୍କୁଲ କର୍ମଶାଳାର ଆୟୋଜକ ଥିବା ବେଳେ ଉକିଆ ଅନୁଷ୍ଠାନ, ସମ୍ବଲପୁର ପରିଚାଳନା ଦାୟିତ୍ୱରେ ଅଛନ୍ତି। ଉଦ୍‌ଯାପନୀ ଉତ୍ସବରେ କର୍ମଶାଳାର ସମସ୍ତ ଛାତ୍ରଛାତ୍ରୀଙ୍କୁ ନେଇ ଏକ ସମ୍ବଲପୁରୀ ପାରମ୍ପାରିକ ନୃତ୍ୟ, ଗୀତ ଓ ବାଦ୍ୟ ପ୍ରଦର୍ଶନ ଏବଂ ପ୍ରଶସ୍ତିପତ୍ର ପ୍ରଦାନ କରାଯିବ।



## ସାକ୍ଷୀପଡ଼ାରୁ ସ୍କୁଟି ଚୋରି

**ସମ୍ବଲପୁର, ୨୩।୩(ସମିସ):** ଧନୁପାଲି ଥାନା ଅନ୍ତର୍ଗତ ସାକ୍ଷୀପଡ଼ାର ଡ. ଅମରିଶ ପଣ୍ଡାଙ୍କ ଘରୁ ଏକ ସ୍କୁଟି ଚୋରି ହୋଇଥିବା ଅଭିଯୋଗ ହୋଇଛି। ଗତ ୧୯ ତାରିଖ ରାତିରେ ସେ ଘରେ ଶୋଇଥିବାବେଳେ ସ୍କୁଟି ଚୋରି ହୋଇଯାଇଥିଲା। ସକାଳୁ ଘର ମୁଖ୍ୟ ଦ୍ୱାର ଭଙ୍ଗା ହେବା ସହ ସ୍କୁଟି ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏ ନେଇ ଧନୁପାଲି ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଘଟଣାର ତଦନ୍ତ କରୁଛି।

## ଡାଇରିଆ ସଂକ୍ରମଣ ଘଟଣାରେ ଚିନ୍ତାପ୍ରକଟ କଲେ କେନ୍ଦ୍ରମନ୍ତ୍ରୀ

**ସମ୍ବଲପୁର, ୨୩।୩(ସମିସ):** ହୀରାକୁଦ ଅଞ୍ଚଳରେ ଡାଇରିଆରେ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ପ୍ରାୟ ୧୬୦ ଜଣ ଆକ୍ରାନ୍ତ ହୋଇ ଚିକିତ୍ସିତ ହୋଇଛନ୍ତି। ଏହି ଘଟଣାରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଚିନ୍ତି ପ୍ରକଟ କରିବା ସହ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଏହା ସହ ସିଡିଏମଓମ ଡାକ୍ତର ସୁଜାତା ରାଣୀ ମିଶ୍ରଙ୍କ ସହ ଫୋନ ଯୋଗେ ସ୍ଥିତି ପଚାରି ବୁଝିଛନ୍ତି। ଚିକିତ୍ସିତ ହେଉଥିବା ଲୋକ ମାନଙ୍କୁ ସଠିକ୍ ସ୍ୱାସ୍ଥ୍ୟସେବା ପ୍ରଦାନ କରିବା ଚିକିତ୍ସାଧୀନ ଲୋକମାନଙ୍କୁ ଆବଶ୍ୟକ ସାହାଯ୍ୟ ଓ ସହଯୋଗ ଯୋଗାଇ ଦେବା ପଦକ୍ଷେପ ଗ୍ରହଣ କରିବା ଉପରେ ଆଲୋଚନା କରିଥିଲେ। ଏହା ସହ ମୃତ୍ୟୁବରଣ କରିଥିବା ଟିକେଶ୍ୱର ନାୟକଙ୍କ ପରିବାରଙ୍କୁ ଏଭଳି ସମୟରେ ମା ସମଲେଇ ସାହା ହୁଅନ୍ତୁ।

## ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା

**ସମ୍ବଲପୁର, ୨୩।୩(ସମିସ):** କ୍ଷେତରାଜପୁତ ସ୍ଥିତ ରେଳ ଷ୍ଟେସନ ପ୍ଲାଟ ଫର୍ମ ୨ରେ ଆଜି ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ଯୁବକ ହେଉଛନ୍ତି ପଶ୍ଚିମବଙ୍ଗର ଲଟୁ କୁମାର ବୋଲି ଜିଆରପି ସୂଚନା ଦେଇଛି। ଜିଆରପି ମୃତ ଶରୀର ଉଦ୍ଧାର କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି।

## ଅଷ୍ଟପ୍ରହର ନାମଯଜ୍ଞ

**ପଡ଼ିଆବାହାଲ, ୨୩।୩(ସମିସ):** ସ୍ଥାନୀୟ ଜୟଦୁର୍ଗା କଲେଜ ରୋଡ଼ରେ ସୁଧାମୟୀ-ଭୀଷ୍ମଦେବ ବଡପଣ୍ଡାଙ୍କ ସ୍ମୃତିରେ ଅଷ୍ଟପ୍ରହର ନାମ ଯଜ୍ଞ ହୋଇଯାଇଛି। ସୌମ୍ୟା-ସୁମନ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିବା ବେଳେ ପଣ୍ଡିତ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ପୂଜାର୍ଚ୍ଚନା କରିଥିଲେ। ଏଥିରେ ମୀନା, ସଞ୍ଜିବ ବଡ଼ପଣ୍ଡା, ପ୍ରିୟମ୍ବଦା, ଶକ୍ତି ପ୍ରସନ୍ନ ବଡ଼ପଣ୍ଡା, ଜ୍ୟୋତିର୍ମୟୀ, ଅକ୍ଷୟ କୁମାର ନାୟକ, ସଂଯୁକ୍ତା, ଅଶୋକ ପୂଝାରୀ, ବିନିତା, କୃଷ୍ଣଚନ୍ଦ୍ର ପ୍ରଧାନ, ବନ୍ଦନା, ସନ୍ତୋଷ କୁମାର ରାୟ, ମଧୁସ୍ମିତା, ଦିଲ୍ଲିପ କୁମାର ପଣ୍ଡା, ଦିପ୍ତିମୟୀ, ସୂର୍ଯ୍ୟ ନାରାୟଣ ମିଶ୍ର, ଶୁଭ୍ରମିତା, ସମ୍ବିତ ପୁରୋହିତ, ଶର୍ମିଷ୍ଠା, ପ୍ରଗତି ପ୍ରମୁଖ ପାର୍ଶ୍ୱକର୍ତ୍ତା ଥିଲେ। ଏଥିରେ ଶାସ୍ତ୍ରୀ ମହାରାଜ ଶ୍ରୀମହନ୍ତ କୃଷ୍ଣଗୋବିନ୍ଦ ଦାଶ ପ୍ରବଚନ ଦେଇଥିଲେ।

## ମନ୍ଦିର ବିବାହ କେତେ ସତ, ତଦନ୍ତ କରୁଛି ପୁଲିସ
## ଯୁବକ ଯୁବତୀଙ୍କ ଗଣ୍ଡଗୋଳ ଥାନାରେ

**ସମ୍ବଲପୁର, ୨୩।୩(ସମିସ):** ପରିବାରବର୍ଗଙ୍କ ସମ୍ମତିକ୍ରମେ ବିବାହ ସ୍ଥିର ହୋଇଥିଲା। ବିବାହ ସ୍ଥିର ହେବା ପରେ ଫୋନରେ କଥାବାର୍ତ୍ତା ଓ ବିଭିନ୍ନ ସ୍ଥାନରେ ଭେଟ୍‌ଘାଟ ହୋଇଥିଲେ। କିଛି ଦିନ ପାଇଁ ବିବାହ କିଛି ଦିନ ପାଇଁ ଘୁଞ୍ଚିଯାଇଥିଲା। ହେଲେ ଉଭୟଙ୍କ ଭିତରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ପୁଅ ବିବାହ କରିବା ପାଇଁ ଜିଦ୍ ଧରୁଥିବା ବେଳେ ଝିଅ ଯୁବକଙ୍କୁ ଚିହ୍ନି ନଥିବା ଭଳି ଆଚରଣ କରିଥିଲେ। ଯାହାକୁ ନେଇ ୩ ଦିନ ପୂର୍ବରୁ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଶେଷରେ ପୁଅ ଝିଅ ଘରକୁ ଯାଇଥିଲେ। ସେଠାରେ ଝିଅ ପରିବାର ଲୋକ ମାଡପିଟ କରିଥିଲେ। ଏଭଳି ଘଟଣା ଘଟିଥିବା ଧନୁପାଲି ଥାନାରେ ଅଭିଯୋଗ ହୋଇଛି। ଘଟଣାକ୍ରମେ ଧନୁପାଲି ଛକର ଜଣେ ଯୁବତୀଙ୍କ ସହ ଜଣେ ଯୁବକଙ୍କ ବିବାହ ସ୍ଥିର ହୋଇଥିଲା। ଯୁବକଙ୍କ ମା ମରିଯିବାରୁ ବିବାହ ଘୁଞ୍ଚାଇ ଦିଆଯାଇଥିଲା। ଇତି ମଧ୍ୟରେ ଉଭୟଙ୍କ ସମ୍ପର୍କ ନିବିଡ ହୋଇ ସହର ଉପକଣ୍ଠ ମାନେଶ୍ୱର ମାନଧାତା ବାବ ମନ୍ଦିରରେ ବୈଦିକ ରିତିରେ ବିବାହ କରିଥିଲେ। ଯାହାକୁ ନେଇ ପୁଲିସ ମନ୍ଦିର ଟ୍ରଷ୍ଟ ବୋର୍ଡ କୁ ଚିଠି କରି ବିବାହର ସତ୍ୟତା ଜାଣିବାକୁ ତଦନ୍ତ କରୁଛି। ବିବାହର କେତେ ଦୂର ସତ୍ୟତା ରହିଛି। ଝିଅଙ୍କୁ ପୁଅ ବଦନାମ କରିବା ପାଇଁ ଏଭଳି ମିଥ୍ୟା ଆରୋପ କରୁଛନ୍ତି ତାହା ମନ୍ଦିର କର୍ତ୍ତୃପକ୍ଷ ପାଖରୁ ରିପୋର୍ଟ ଆସିଲେ ଜଣା ପଡ଼ିବ ବୋଲି ଥାନା ଆଇଆଇସି ରଞ୍ଜନ ବିଶ୍ୱାଳ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ଝିଅଙ୍କ ଅଭିଯୋଗ କ୍ରମେ ୧୨୬/୨୪ ଓ ପୁଅଙ୍କ ଅଭିଯୋଗ କ୍ରମେ ୧୨୭/୨୪ କେସ ନମ୍ବରେ ମାମଲା ରୁଜୁ ହୋଇଛି।

## ଏନ୍‌ସିବି କଲେଜରେ ଆତ୍ମରକ୍ଷା ତାଲିମ ଶିବିର

**ସମ୍ବଲପୁର, ୨୩।୩(ସମିସ):** ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ବିଭାଗର ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ କ୍ଲବ ଆନୁକୂଲ୍ୟରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟରେ +୩ ପ୍ରଥମ ବର୍ଷ ଛାତ୍ରୀଙ୍କ ପାଇଁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଆଜି ଉଦଘାଟିତ ହୋଇଯାଇଛି। ଏହି ଶିବିର ୨୦ ଦିନ ଧରି ଚାଲିବ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ପ୍ରଦୀପ କୁମାର ହରପାଲ ଶିବିରକୁ ଉଦଘାଟନ କରିବା ସହିତ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଭାବରେ ଇତିହାସ ବିଭାଗର ମୁଖ୍ୟ ଦୁଲ୍ଲଭ କୁମାର ସା ଯୋଗ ଦେଇ ଛାତ୍ରୀଙ୍କୁ ନିଜର ଆତ୍ମବିଶ୍ୱାସ ବଜାୟ ରଖି ନିଜକୁ ମାନସିକ ତଥା ଶାରୀରିକ ଭାବରେ ସଦା ପ୍ରସ୍ତୁତ ରଖିବା ପାଇଁ ମତବ୍ୟକ୍ତ କରିଥିଲେ। ଡକ୍ଟର ଶ୍ୟାମ ଭୋଇ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ବିଭିନ୍ନ ଉଦାହରଣ ମାଧ୍ୟମରେ ଆତ୍ମସୁରକ୍ଷା ସମ୍ବନ୍ଧରେ ଆଲୋକପାତ କରିଥିଲେ। ମୁଖ୍ୟ ବକ୍ତା ଭାବରେ ରେଡ଼ିଓ ହୀରାଖଣ୍ଡର ଉପନିର୍ଦ୍ଦେଶିକା ପିଙ୍କି ପ୍ରଧାନ ଯୋଗ ଦେଇ ଆତ୍ମରକ୍ଷା କୌଶଳର ଗୁରୁତ୍ୱ ସମ୍ପର୍କରେ ଛାତ୍ରୀମାନଙ୍କୁ ବୁଝାଇଥିଲେ। ଆତ୍ମରକ୍ଷା ପ୍ରଶିକ୍ଷଣ କ୍ଲବର ସଂଯୋଜିକା ପ୍ରିୟଦର୍ଶିନୀ ବେଉରା ସଭା ପରିଚାଳନା କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଥିରେ ଅଧ୍ୟାପକ ବିଶ୍ୱଜିତ୍ ମହାନ୍ତି, ଅଧ୍ୟାପିକା ମିଲି ସାହୁ, ମେଞ୍ଜା ପୂର୍ତ୍ତି ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିବା ବେଳେ ରୋଜାଲୀ ସେଠ୍ ଧନ୍ୟବାଦ୍ ଅର୍ପଣ କରିଥିଲେ। ଶିବରରେ ୧୭୦ରୁ ଅଧିକ ଛାତ୍ରୀ ଯୋଗ ଦେଇଥିଲେ।

## ସମ୍ବଲପୁର ଲୋକସଭା ପାଇଁ ବାମସେଫ୍, ବିଏସ୍‌ପି କାର୍ଯ୍ୟକର୍ତ୍ତା ସମ୍ମିଳନୀ




**ସମ୍ବଲପୁର, ୨୩।୩(ସମିସ):** ସମ୍ବଲପୁର ଓଡ଼ିଶା ସାଂସ୍କୃତିକ ସମାଜ ଭବନଠାରେ ବାମସେଫ ଓ ବିଏସପି ସମ୍ବଲପୁର ଲୋକସଭା କ୍ଷେତ୍ରର କାର୍ଯ୍ୟକର୍ତ୍ତାଙ୍କ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ରାଜ୍ୟସଭା ସାଂସଦ, ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ତଥା ବିଏସପି ଓଡ଼ିଶା ରାଜ୍ୟ ମୁଖ୍ୟ ପ୍ରଭାରୀ ଡକ୍ଟର ଅଶୋକ ସିଦ୍ଧାର୍ଥ ଜୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ସେ ଆଗାମୀ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ବିଏସପି କାର୍ଯ୍ୟକର୍ତ୍ତାଙ୍କୁ ଉଦ୍‌ବୋଧନ ଦେଇ ଦଳ ୧୪୭ଟି ବିଧାନସଭା ଓ ୨୧ ଗୋଟି ଲୋକସଭାରେ ପ୍ରାର୍ଥୀ ଦେବେ ବୋଲି ଘୋଷଣା କରିଥିଲେ। ବିଶେଷ କରି ବିଏସପିର ଭୋଟହାର ବୃଦ୍ଧି ସହ ଅଧିକ ଆସନରେ ଦଳ ଯେପରି ବିଜୟୀ ହେବା ନେଇ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବାମସେଫର ବାବରି ବନ୍ଧୁ ଗୋଛାୟତ, ହରିଶ ଦିପ, ଜିଲ୍ଲା ବିଏସପି ସଭାପତି ଆଇନଜୀବୀ ଦିଲିପ୍ କୁମାର ସିଂ, ବିଏସପି ରାଜ୍ୟ ସମ୍ପାଦକ ଦେବୀ ଚରଣ ଭାଟିଙ୍କ ସମେତ ସମ୍ବଲପୁର ଲୋକସଭା ଅନ୍ତର୍ଗତ ୭ ଗୋଟି ବିଧାନସଭାର ଆଶାୟୀ ପ୍ରାର୍ଥୀ ଓ ଦଳୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ।

## ଜାଗୃତି ମହିଳା ମଣ୍ଡଳ ପକ୍ଷରୁ ମହିଳା ଦିବସ ଉଦ୍‌ଯାପିତ




**ବୁର୍ଲା, ୨୩।୩ (ସମିସ):** ଏମ୍‌ସିଏଲ୍‌ର ଜାଗୃତୀ ମହିଳା ମଣ୍ଡଳ ଓ ମହିଳା ସଭା ପକ୍ଷରୁ ଆୟୋଜନ କରାଯାଇଥିବା ବିଶ୍ୱ ମହିଳା ଦିବସ ଉଦଯାପିତ ହୋଇଛି। ମାର୍ଚ୍ଚ ୯ ତାରିଖରେ ଏହାର ଉଦଘାଟନୀ କାର୍ଯ୍ୟକ୍ରମ ପାଳିତ ହୋଇଥିବା ବେଳେ ବିଭିନ୍ନ ପ୍ରତିଯୋଗିତା, ପୋଷ୍ଟର ମେକିଂ, ସ୍ଲୋଗାନ୍ ରାଇଟିଂ, ରଙ୍ଗୋଲି ଓ କଳା ଓ ହସ୍ତଶିଳ୍ପ ଆୟୋଜନ କରାଯାଇଥିଲା। ଯେଉଁଥିରେ ମହିଳା ମାନେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ତେବେ ମାର୍ଚ୍ଚ ଉଦଯାପନୀ ଉତ୍ସବ ପାଳନ କରାଯାଇଛି ବିଜେତାଙ୍କୁ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଜାଗୃତି ମହିଳା ମଣ୍ଡଳର ଅଧ୍ୟକ୍ଷା ସୁବର୍ଣ୍ଣ କାଓଲେ, ଉପସଭାପତି ରଶ୍ମି ବେହୁରା, ଅଞ୍ଜଳି ବାପଟ, ଡିଏଭି ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ରଶ୍ମି ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। କୋଷାଧ୍ୟକ୍ଷ ଅନିତା ଗର୍ଗ ଓ ଯୁଗ୍ମ ସମ୍ପାଦିକା ମିଲେନା ପ୍ରିୟଦର୍ଶିନୀ, ମହିଳା ମଣ୍ଡଳ ଓ ମହିଳା ସଭାର ସକ୍ରିୟ ସଭ୍ୟମାନଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ସଫଳତାର ସହ ସମ୍ପନ୍ନ ହୋଇଥିଲା। ଏହି ସମାପନୀ ଉତ୍ସବର ମୁଖ୍ୟ ଆକର୍ଷଣ ଥିଲେ ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ଖେଳାଳି ଲିଜୁନ ସ୍ୱାଇଁ, ଏମ୍‌ସିଏଲ୍ ଡିଏଭି ସ୍କୁଲର ଛାତ୍ରୀଙ୍କୁ ସ୍ୱତନ୍ତ୍ର ସମ୍ମାନରେ ସମ୍ମାନିତ କରାଯାଇଥିଲା।

## 'ଭୋଟ ଫର୍ ନେସନ' ସ୍ଲୋଗାନ ଦେଇ ବୁଲେଟ୍‌ରେ ରାଜଲକ୍ଷ୍ମୀ

ସମ୍ବଲପୁର, ୨୩।୩(ସମିସ)

ଭୋଟ ଫର୍ ନେସନ ସ୍ଲୋଗାନ ଦେଇ ବୁଲେଟରେ ଦେଶ ପରିଭ୍ରମଣରେ ବାହାରିଥିବା ସାଧବୀ ମାତା ରାଜଲକ୍ଷ୍ମୀ ମାଣ୍ଡା ଆଜି ସମ୍ବଲପୁରର ଇଷ୍ଟ ଦେବୀ ମା ସମଲେଶ୍ୱରୀ ମନ୍ଦିରକୁ ପହଞ୍ଚିଥିଲେ। ଏହି ଅବସରରେ ସେ ମା ସମଲେଇଙ୍କୁ ଦର୍ଶନ କରିଥିବା ବେଳେ ତାଙ୍କୁ ଜିଲ୍ଲା ବିଜେପି ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଥିଲା। ଗତ ଫେବୃଆରୀ ୧୨ ତାରିଖରୁ ତାମିଲନାଡୁରୁ ଦିଲ୍ଲୀ ପର୍ଯ୍ୟନ୍ତ ୨୧ ହଜାର କିଲୋମିଟର ଯାତ୍ରାକୁ ସେ ୬୫ ଦିନରେ ପରିସମାପ୍ତି କରିବେ ବୋଲି କହିଛନ୍ତି। ଏହି ଯାତ୍ରାରେ ସେ ଆନ୍ଧ୍ର ପ୍ରଦେଶ, ତେଲେଙ୍ଗାନା, କର୍ଣ୍ଣାଟକା, ଗୋଆ, ମହାରାଷ୍ଟ୍ର, ଛତିଶଗଡ଼ ରାଜ୍ୟ ଦେଇ ଆଜି ସମ୍ବଲପୁରକୁ ପହଞ୍ଚିଥିଲେ। ବିଶେଷ କରି ସକ୍ଷମ ତଥା ସମୃଦ୍ଧ ଭାରତ ପାଇଁ ଭୋଟ ଫର୍ ନେସନ ସ୍ଲୋଗାନ ନେଇ ଜନଜାଗରଣ ସୃଷ୍ଟି କରିବା ପାଇଁ ଏଭଳି ନିଆରା ପ୍ରୟାସ ରାଜଲକ୍ଷ୍ମୀ ମାଣ୍ଡା କରିଥିବା କରିଛନ୍ତି। ସମଲେଶ୍ୱରୀ ମନ୍ଦିରରେ ଜିଲ୍ଲା ବିଜେପି ସଭାପତି ଗିରୀଶ ପଟେଲ, ଜିଲ୍ଲା ବିଜେପି ଯୁବମୋର୍ଚ୍ଚା ସଭାପତି ଅଶ୍ୱିନି ମାଝୀ, ବିଜେପି ନେତା ସମ୍ମୁ ବରେଲିଆଙ୍କ ସମେତ ବହୁ ବିଜେପି ପଦାଧିକାରୀ ଉପସ୍ଥିତ ଥିଲେ।

**୨୧ ହଜାର କିମିକୁ ୬୫ ଦିନରେ ଶେଷ କରିବେ**






# ହୀରାକୁଦରେ ଡାଇରିଆ; ଆଗକୁ ଜଣ୍ଡିସ୍ ଭୟ



ସମ୍ବଲପୁର ମହାନଗର ନିଗମ ହୀରାକୁଦରେ ୭ରୁ ଅଧିକ ପଡ଼ାରେ ଡାଇରିଆ ବ୍ୟାପିଛି। ସ୍ଥିତି ଜଟିଳ ହୋଇପଡ଼ିଛି। ଦୁଇଦିନ ହେଲା ରୋଗୀସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଦୂଷିତ ପାଣି ବ୍ୟବହାର କରିବା ଯୋଗୁଁ ଡାଇରିଆ ବ୍ୟାପିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ବୋଲି ବିଶେଷଜ୍ଞ ଦଳ କହୁଛନ୍ତି। ହେଲେ ଡ୍ରେନ ପାଣିରେ ଫଟା ପିଏଚ୍‌ଡି ପାଇପ୍ ଦେଖିଲେ ତାହା ସ୍ପଷ୍ଟ ଭାବେ ଜଣାପଡ଼ିଯାଉଛି। ଦୁଇଦିନ ପୂର୍ବରୁ ଯୋଗାଯାଇଥିବା ପାଣିରେ ସଂକ୍ରମଣ ହୋଇ ଏଭଳି ସ୍ଥିତି ଉପୁଜିଥିବା କୁହାଯାଉଛି। ଘଟଣାକୁ ନେଇ ପୁରା ସ୍ୱାସ୍ଥ୍ୟ ବିଭାଗ, ପ୍ରଶାସନ ଚିନ୍ତାରେ ପଡ଼ିଯାଇଛି। ପଡ଼ାଗୁଡ଼ିକରେ ବିଶୁଦ୍ଧ ପାନୀୟ ଯୋଗାଇ ଦିଆଯାଉ ନାହିଁ ବୋଲି ଲୋକମାନେ ଅଭିଯୋଗ କରୁଛନ୍ତି। ଆଜି ବୁର୍ଲାରେ ଚିକିତ୍ସାଧିନ ଅବସ୍ଥାରେ କାଲୁପଡ଼ାର ଟିକେଶ୍ୱର ନାଏକ(୪୫)ଙ୍କ ମୃତ୍ୟୁ ଘଟିଥିବାବେଳେ ୭ଜଣ ଗୁରୁତର ଅବସ୍ଥାରେ ଥିବାରୁ ଡାଇରିଆ ୱାର୍ଡରେ ଚିକିତ୍ସିତ ହେଉଛନ୍ତି। ସେହିପରି ହୀରାକୁଦ ମେଡିକାଲ ଓ ଘରେ ପ୍ରାୟ ୧୨୯ଜଣ ଚିକିତ୍ସିତ ହେଉଛନ୍ତି। ଡାକ୍ତରଙ୍କ ପରାମର୍ଶ କ୍ରମେ ଘରେ ଔଷଧ ଖାଉଛନ୍ତି। ସକାଳେ ଆରଡିସି ଶ୍ରୀକାନ୍ତପୃଷ୍ଟି, ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ଏଡ଼ିଏମ୍‌ଓ ପିଏଚ୍ ଅଶୋକ ଦାସଙ୍କ ସମେତ ଡାକ୍ତରୀ ଟିମ, ଭିମସାରରୁ ମଧ୍ୟ ଏକ ଡାକ୍ତରୀ ଟିମ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଆଶାକର୍ମୀ, ଅଙ୍ଗନୱାଡି କର୍ମୀ, ବିଭିନ୍ନ ସମାଜିକ ସଂଗଠନ ପକ୍ଷରୁ ବିଭିନ୍ନ ପଡ଼ାକୁ ପଡ଼ା ବୁଲି ସଚେତନତା କରିଛନ୍ତି। ଔଷଧ ବଣ୍ଟନ କରିଛନ୍ତି। ଏହା ଦୁଇଗୋଟି ବାୟୋ-ଟଏଲଟ୍ ବସାଯାଇଛି। ହୀରାକୁଦର ସହରର କାଲୁପଡ଼ା, ଗୁରୁଦ୍ୱାରପଡ଼ା, ଗୌଡ଼ପଡ଼ା, କଦମ୍ବପଡ଼ା, ଖ୍ରୀଷ୍ଟିଆନପଡ଼ା, ତାରାସିଂପଡ଼ା, ଚକ୍ରବର୍ତ୍ତୀପଡ଼ା, ନ୍ୟୁ-ମାର୍କେଟ କଲୋନୀ ଓ ମାଛପଡ଼ାରେ ଝାଡ଼ାବାନ୍ତି ଲାଗିରହିଛି।



## ଗତବର୍ଷ ମଧ୍ୟ ହୋଇଥିଲା ଡାଇରିଆ

ସମ୍ବଲପୁର ହୀରାକୁଦ ଝାଡାବାନ୍ତି ଘଟଣା ନୂଆ ନୁହେଁ। ଗତବର୍ଷ ଅକ୍ଟୋବର ମାସରେ ମହମ୍ମଦପୁରରେ ଝାଡାବାନ୍ତି ବ୍ୟାପୀଥିଲା। ରବି ତିର୍କୀ ନାମକ ଯୁବକଙ୍କ ମୃତ୍ୟୁ ଘଟିଥିଲା। ଏହାସହ ୩୯ଜଣ ଆକ୍ରାନ୍ତ ହୋଇଥିଲେ। ୩୮ ଜଣଙ୍କ ମଧ୍ୟରୁ ୪ଜଣ ବୁର୍ଲା ଭିମ୍‌ସାରେ ଭର୍ତ୍ତି ହୋଇଥିଲେ। ଗତ ୧୩ ତାରିଖରୁ ଆରମ୍ଭ ହୋଇ ୧୫ ଦିନ ପର୍ଯ୍ୟନ୍ତ ବ୍ୟାପୀ ରହିଥିଲା। ୪ଜଣ ଗୁରୁତର ହୋଇଥିଲେ। ୨ଟି ମେଡିକାଲ ଟିମ୍ ଡେରା ପକାଇଥିଲେ।

## ଆକ୍ରାନ୍ତ ପରେ ରକ୍ତଚାପ ହ୍ରାସ, ରୋଗୀ ସଂକଟାପନ୍ନ



ଝାଡ଼ାବାନ୍ତିରେ ଆକ୍ରାନ୍ତ ରୋଗୀ ସଙ୍ଗେ ସଙ୍ଗେ ଗୁରୁତର ହୋଇପଡୁଥିବା ଦେଖିବାକୁ ମିଳିଛି। ମେଡିକାଲରେ ଭର୍ତ୍ତି ହେବାପରେ ସେମାନଙ୍କ ସ୍ୱାସ୍ଥ ପରୀକ୍ଷା କରିବା ଆରମ୍ଭ ହେବାପରେ ଗୁରୁତର ହୋଇପଡୁଥିଲେ। ଅଧିକାଂଶ ରୋଗୀଙ୍କ ରକ୍ତାଚାପ କମି ପାଖାପାଖି ୫୦ତଳକୁ ଖସିଯାଉଥିଲା। ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ସୁଧାର ଆସିଥିବା ମେଡିକାଲ ଟିମ ବୁଝାଉଥିଲେ।

## ଅନେକ ରୋଗୀଙ୍କ ବଢ଼ିଛି ୟୁରିଆ, କ୍ରେଟିନ୍

ଝାଡାବାନ୍ତିରେ ଆକ୍ରାନ୍ତ ଥିବା ମାତ୍ରାଧିକ ରୋଗୀଙ୍କ ଶରୀରରେ ୟୁରିଆ, କ୍ରେଟିନ ବଢ଼ିଯାଇଥିବା ଦେଖାଦେଇଛି। ପାନୀୟ ଜଳ ଯୋଗୁ ଏପରି ହୋଇଥିବା ସନ୍ଦେହ କରାଯାଉଛି। ପ୍ରାଥମିକ ତଦନ୍ତରୁ ପାନୀୟ ଜଳ ହିଁ କାରଣ ବୋଲି ଜଣାପଡ଼ିଥିବା ମେଡିକାଲ କର୍ତ୍ତୃପକ୍ଷ କହିଛନ୍ତି। ଯଦି ପାନୀୟ ସମସ୍ୟା ଆଗମୀ ଦିନରେ ସମାଧାନ କରାନଯାଏ ତା'ହାଲେ କିଡନୀ ଖରାପ ହେବାର ସମ୍ଭାବନା ଦେଖା ଦେଇପାରେ ବୋଲି ଚର୍ଚ୍ଚା ହେଉଛି।


## ଆକ୍ରାନ୍ତଙ୍କୁ ଭେଟିଲେ କଂଗ୍ରେସ ପ୍ରତିନିଧି

ସମ୍ବଲପୁର ହୀରାକୁଦରେ ଦୁଇଦିନ ହେଲା ଝାଡ଼ାବାନ୍ତି ବ୍ୟାପୀ ସ୍ଥିତି ଅଣାୟତ୍ତ ହୋଇପଡ଼ିଛି। ପରିସ୍ଥିତି ତଦାରଖ ପାଇଁ ଆଜି ଜିଲ୍ଲା କଂଗ୍ରେସର ଏକ ପ୍ରତିନିଧି ଦଳ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ଜିଲ୍ଲା କଂଗ୍ରେସ ସଭାପତି ଜୟଶଙ୍କର ମିଶ୍ରଙ୍କ ନେତୃତ୍ୱରେ ପ୍ରତିନିଧି ଦଳ ପଡ଼ାକୁ ପଡ଼ା ବୁଲି ଲୋକଙ୍କ କଥା ବୁଝିଥିଲେ। ହୀରାକୁଦ ବିଶୋଧନାଗାର ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ହୀରାକୁଦ ମେଡିକାଲକୁ ଯାଇ ମେଡିକାଲରେ ଚିକିତ୍ସିତ ହେଉଥିବା ରୋଗୀମାନଙ୍କୁ ସାକ୍ଷାତ କରିଥିଲେ। ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଓ ହୀରାକୁଦ ମେଡିକାଲରେ ଚିକିତ୍ସା ହେଉଥିବା ଡାକ୍ତରଙ୍କ ସହ ରୋଗୀଙ୍କ ଉପଯୁକ୍ତ ଚିକିତ୍ସା ଯେଭଳି ଦିଆଯାଇ ପାରିବ ସେନେଇ ଆଲୋଚନା କରିଥିଲେ। ଝାଡ଼ାବାନ୍ତି ରୋଗରେ ମୃତ ବ୍ୟକ୍ତିଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଜିଲ୍ଲା କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ପ୍ରତିନିଧି ଦଳରେ ପୂର୍ବତନ ବିଧାୟକ ଅଶ୍ୱିନୀ ଗୁରୁ, ପିସିସି ସାଧାରଣ ସମ୍ପାଦକ ଦୁଲାଳ ଚନ୍ଦ୍ର ପ୍ରଧାନ, ପିସିସି ସମ୍ପାଦକ ଅମିତ ଗୁରୁ, ଜିଲ୍ଲା କଂଗ୍ରେସ ଉପସଭାପତି ବାଳକୃଷ୍ଣ ତ୍ରିପାଠୀ, ସାଧାରଣ ସମ୍ପାଦକ ଜିତେନ୍ଦ୍ର ମହାନନ୍ଦ, ମନୋରଞ୍ଜନ ପଟ୍ଟନାୟକ, ବୁର୍ଲା ଟାଉନ କଂଗ୍ରେସ ସଭାପତି ଗିରିଜା ନାଏକ, ହୀରାକୁଦ ଟାଉନ ସଭାପତି ରବି ରାଉତ, ଓବିସି ସେଲ ଜିଲ୍ଲା ସଭାପତି ଶିବବ୍ରତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



## ଡ୍ରେନ୍ ଭିତରେ ପିଏଚ୍‌ଡି ପାଇପ୍, ଗଦେ ଅଳିଆ

ହୀରାକୁଦରେ ବିଭିନ୍ନ ପଡ଼ାକୁ ପିଏଚ୍‌ଡି ପାଣି ଯୋଗଯୋଗ କରାଯାଇଛି। ହେଲେ ସମସ୍ତ ପାଇପ୍ ଡ୍ରେନ୍ ଭିତରେ ରହିଛି। କେଉଁଠି ପାଇପ୍ ଫାଟି ଡ୍ରେନ୍ ପାଣି ସହ ମିଶୁଛି। ପିଏଚ୍‌ଡି ବିଭାଗ ସେଥିପ୍ରତି ଧ୍ୟାନ ଦେଉ ନଥିବା ଅଭିଯୋଗ ହେଉଛି। କାଲୁପଡ଼ା ବାସିନ୍ଦା ଘରକୁ ଯାଇଥିବା ପିଏଚ୍‌ଡି ପାଣି ପାଇପ ସବୁ ଡ୍ରେନ ଭିତରେ ପୋତି ହୋଇରହିଛି। କେତେକ ସ୍ଥାନରେ ସିଧାସଳଖ ଡ୍ରେନ୍ ପାଣି ପାଇପ ଭିତରକୁ ପ୍ରବେଶ କରୁଛି। ସେହି ପ୍ରଦୂଷିତ ପାଣିକୁ ଅଞ୍ଚଳବାସୀ ବ୍ୟବହାର କରୁଛନ୍ତି। ଏସ୍‌ଏମ୍‌ସି ସମ୍ବଲପୁର ସହରରେ ଡ୍ରେନ୍ କେବେ କେବେ ସଫା କରିଥାଏ। ହେଲେ ହୀରାକୁଦ ପ୍ରତି ସେତେ ସଜାଗ ନଥିବା ଅଭିଯୋଗ ହେଉଛି। କାଲୁପଡ଼ାର ସବୁ ଡ୍ରେନ୍ ଭିତରେ କୁଢ଼କୁଢ଼ ଅଳିଆ ପଡ଼ିରହିଛି। ଡ୍ରେନ ପୂରା ଜାମ ହୋଇଛି। ସେହି ଜାମ ଡ୍ରେନ ଭିତରେ ପିଏଚ୍‌ଡି ପାଣି ପାଇପ୍ ଯାଇଛି।



## ପିଏଚ୍‌ଡି ପାଣି ଉପରେ ନିର୍ଭର



କାଲୁପଡ଼ାରେ ପାଖାପାଖି ୨୦୦ପରିବାର ବସବାସ କରନ୍ତି। ସମସ୍ତ ପରିବାର ପାନୀୟ ଭାବେ ପିଏଚ୍‌ଡି ପାଣି ଉପରେ କେବଳ ନିର୍ଭର କରିଥାନ୍ତି। ହୀରାକୁଦ ଜଳଭଣ୍ଡାରରୁ ବିଭିନ୍ନ ପଡ଼ାକୁ ପାଣି ଆସିଥାଏ। ହେଲେ ପିଇବା ଉପଯୋଗୀ ଭାବେ ପିଏଚ୍‌ଡି ପାଣିକୁ ଲୋକେ ବ୍ୟବହାର କରିଥାନ୍ତି। କିନ୍ତୁ ଦିନେ ଦିନେ ପାଣି ଆସୁନଥିବା କାଲୁପଡ଼ାବାସୀ ଅଭିଯୋଗ କରିଛନ୍ତି। ସେଥିପାଇଁ ମହାନଦୀ ପାଣିକୁ ସିଧାସଳଖ ପାନୀୟ ଭାବେ ବ୍ୟବହାରୁ କରୁଥିବା ନେଇ ଆଶଙ୍କା କରାଯାଇଛି।

## ଭିମ୍‌ସାରକୁ ହାଇଆଲର୍ଟ

ହୀରାକୁଦ ଝାଡ଼ାବାନ୍ତି ଘଟଣାକୁ ନେଇ ଭିମସାରକୁ ହାଇଆଲର୍ଟ କରାଯାଇଛି। ଜିଲ୍ଲା ପ୍ରଶାସନ ସମସ୍ତ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଭିମସାରେ ଥିବା ଡାଇରିଆ ୱାର୍ଡରେ ୧୫ଗୋଟି ବ୍ୟାଡ୍ ପ୍ରସ୍ତୁତ କରି ରଖାଯାଇଛି। ଏହାସହ ଡେଙ୍ଗୁ ବିଭାଗକୁ ମଧ୍ୟ ସ୍ୱତନ୍ତ୍ର ଭାବେ ରଖାଯାଇଛି। ଏବେ ୭ଜଣ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ଠିକ୍ ରହିଛି। ୨୪ଘଣ୍ଟିଆ ଉତ୍ତମ ସେବା ଯୋଗାଇ ଦେବାକୁ ଡାକ୍ତରୀ ଟିମ୍ ଗଠନ କରାଯାଇଛି। ରୋଗୀ ସେବାରେ କୌଣସି ସମସ୍ୟା ହେବନାହିଁ। ଏହା ସହ ଭିମସାରରୁ ଏକ ଡାକ୍ତରୀ ଦଳ ହୀରାକୁଦ ଯାଇଛନ୍ତି ବୋଲି ଅଧକ୍ଷ ଡାକ୍ତର ଲାଲ ମୋହନ ନାଏକ କହିଛନ୍ତି।



## ଲମ୍ବା ଧାଡ଼ି ଯୁଗ ଶେଷ, ଭୀମସାରରେ ଇ-ଟିକେଟ ମିଳିବ

- ୧୭ଟି ବିଭାଗ ରେ ସୁବିଧା
- ମୋବାଇଲରେ ମଧ୍ୟ ବୁକିଂ ସମ୍ଭବ

**ବୁର୍ଲା, ୨୩।୩(ସମିସ):** ବୁର୍ଲା ଭୀମସାର୍‌ରେ ଓପିଡ଼ି ଟିକେଟ୍ ପାଇଁ ଆଉ ଘଣ୍ଟା ଘଣ୍ଟା ଧରି ଲାଇନରେ ଛିଡ଼ାହେବେ ନାହିଁ ରୋଗୀ କିମ୍ବା ରୋଗୀଙ୍କ ସମ୍ପର୍କୀୟ। ଛାତ୍ର ସଂଘର ଆନ୍ଦୋଳନ ପରେ ପୂର୍ବରୁ ଅଟକି ରହିଥିବା ଇ-ଟିକେଟିଂ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିଛନ୍ତି କର୍ତ୍ତୃପକ୍ଷ। ପ୍ରଥମ ପର୍ଯ୍ୟାୟରେ ୧୭ବିଭାଗରେ ଡାକ୍ତରଙ୍କୁ ଦେଖାଇବା ପାଇଁ ରୋଗୀଙ୍କୁ ଏହି ଇ-ଟିକେଟିଂ ସୁବିଧା ମିଳିବ। ଓପିଡ଼ି ଟିକେଟ୍ ନିଜେ ନିଜ ମୋବାଇଲରେ କରିପାରିବେ ରୋଗୀ ତଥା ରୋଗୀ ସମ୍ପର୍କୀୟ। ଇ-ସ୍ୱାସ୍ଥ୍ୟ ପୋର୍ଟାଲ ୱେବ୍‌ସାଇଟକୁ ଯାଇ ପଞ୍ଜୀକରଣ କରିପାରିବେ ଓ ପ୍ରିଣ୍ଟ ବାହାର କରି ଡାକ୍ତରଙ୍କ ପରାମର୍ଶ ନେବେ। ସୂଚନା ଅନୁସାରେ ଭୀମସାରରେ ୨୦୨୨ସମିହାରୁ ଇ-ଟିକେଟିଂ ବ୍ୟବସ୍ଥା କରାଯିବା ନେଇ ପ୍ରସ୍ତାବ ଗୃହୀତ ହେବା ସହ ଘୋଷଣା କରାଯାଇଥିଲା। ତେବେ ଦିନ ପରେ ଦିନ ଗଡ଼ିଚାଲିବା ସହ ଏହା ଉପରେ କର୍ତ୍ତୃପକ୍ଷ ଧ୍ୟାନ ଦେଉ ନଥିଲେ। ଫଳରେ ଏପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହେଇପାରୁ ନଥିଲା। ହେଲେ ବିଗତ ଦିନରେ ଡାକ୍ତରୀ ଛାତ୍ର ସଂଘ ପକ୍ଷରୁ କରାଯାଇଥିବା ଆନ୍ଦୋଳନରେ ଇ-ଟିକେଟିଂ ବ୍ୟବସ୍ଥା କରିବା ନେଇ ମଧ୍ୟ ଦାବି କରାଯାଇଥିଲା। ଦାବି ଅନୁସାରେ ମେଡିକାଲ ଅଧିକ୍ଷକଙ୍କ ଚିଠି ସଂଖ୍ୟା ୩୩୪୪ ତା.୧୪/୩/୨୦୨୪ ଓ ପତ୍ରସଂଖ୍ୟା ୩୫୫୩ ତା ୧୮/୩/୨୦୨୪ ଅନୁସାରେ ଏହି ବ୍ୟବସ୍ଥା ଗୁଡିକୁ ଅନ୍‌ଲାଇନ୍ ମାଧ୍ୟମରେ କରିବାକୁ ତତ୍ପରତା ଦେଖାଇଥିଲେ। ଏ ବାବଦରେ ରାଜ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କୁ ପତ୍ର ପ୍ରେରଣ କରିଥିଲେ। ଗତ ୧୯ତାରିଖ ମିଳିତ ଛାତ୍ର ସଂଘର ଏକ ପ୍ରତିନିଧିଦଳ ଏହି ପ୍ରସଙ୍ଗକୁ ନେଇ ପୁଣିଥରେ ନିର୍ଦ୍ଦେଶକଙ୍କ ଦୃଷ୍ଟି ଆକର୍ଷଣ କରି ଶୀଘ୍ର ଏହି ଯୋଜନା ଭିମ୍‌ସାର୍‌ରେ କାର୍ଯ୍ୟକ୍ଷମ କରିବାକୁ ଦାବି ଦୋହରାଇଥିଲେ। ଫଳରେ ଏହା ଲାଗୁ ହୋଇଛି।

## ପରିତ୍ୟକ୍ତ ଅବସ୍ଥାରେ ନୂତନ ଭେଣ୍ଡିଂ ଜୋନ

**କୁଚିଣ୍ଡା, ୨୩।୩ (ସମିସ):** ଉଠାଦୋକାନୀଙ୍କ ଥଇଥାନ ପାଇଁ ୨୦୧୮ ମସିହାରେ ତହସିଲଦାରଙ୍କ ସରକାରୀ ବାସଭବନ ପାଖରେ ନୂତନ ଭେଣ୍ଡିଂ ଜୋନ ଖୋଲାଯାଇଥିଲା। ବିଭିନ୍ନ ସ୍ଥାନରେ ବେଆଇନ ଭାବେ ଉଠାଦୋକାନ କରିଥିବା ଦୋକାନୀଙ୍କୁ ଉଚ୍ଛେଦ କରାଯାଇ ସେମାନଙ୍କ ପାଇଁ ନୂତନ ଭେଣ୍ଡିଂ ଜୋନ୍ ନିର୍ମାଣ କରାଯାଇଥିଲା। ତେବେ ଏବେ ତାହା ମୋଟାମୋଟି ଦେଖିବାକୁ ଗଲେ ପରିତ୍ୟକ୍ତ ହୋଇପଡ଼ିରହିଛି। ମାତ୍ର କେଇଜଣ କେତୋଟି ଦୋକାନକୁ ହାତେଇ ଅନ୍ୟ ଲୋକଙ୍କୁ ଭଡ଼ାରେ ଦେଇଛନ୍ତି। ବାକି ଦୋକାନ ସବୁ ଖାଲି ପଡ଼ିଛି। ଅସାମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଅନେକ ଦୋକାନର ସମ୍ମୁଖ ଭାଖ ପରିତ୍ୟକ୍ତ ହୋଇପଡ଼ିରହିଛି। ଛାତକୁ ଯିବା ପାଇଁ ରାସ୍ତାଟି ମୁକୁଳା ପଡ଼ିଛି। ଫଳରେ ଛାତ ଉପରେ ଆସାମାଜିକମାନେ ଆଡ୍ଡା ଜମାଉଛନ୍ତି। କିଛି ଦୋକାନୀ ନିଜର ଦୋକାନ ଖୋଲି ବ୍ୟବସାୟ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ଚାଲିଥିବା ବେଳେ ସେହି ସ୍ଥାନରେ ଅଧିକାଂଶ ଦୋକାନ ପଡ଼ିରହିଛି। ଦୋକାନ ପାଇଥିବା କିଛି ବ୍ୟକ୍ତି ଭଡ଼ାରେ ଦେଇ ବେଶ ଟଙ୍କା ଉପାର୍ଜନରେ ଲାଗିପଡ଼ିଛନ୍ତି। ଦେଖିବାକୁ ଗଲେ ଚାରିଆଡ଼େ ଅପ୍ରୀତିକର ପରିବେଶ ସୃଷ୍ଟି ହୋଇଛି। ଏନଏସି କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେବାକୁ ଦାବି ହୋଇଛି।



## ୨୭କେଜି ଗଞ୍ଜେଇ ସହ କାର୍ ଜବତ, ୩ ଗିରଫ

**ରେଢ଼ାଖୋଲ, ୨୩।୩(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବଉଦ ରାସ୍ତାର ଲଇଣ୍ଡାମାଲ ଛକ ନିକଟରେ ଶୁକ୍ରବାର ବିଳମ୍ବିତ ରାତ୍ରିରେ ରେଢାଖୋଲ ଅବକାରୀ ବିଭାଗ ଚଢ଼ଉ କରି ୨୭କେଜି ଗଞ୍ଜେଇ, ଏକ ଇଣ୍ଡିଗୋ କାର୍ (କେଏଲ୍ ୫୫ ଏକ୍ସ ୯୦୫୫) ସହ ୩ ଜଣ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ପଶ୍ଚିମବଙ୍ଗ ଜିଲ୍ଲା ନର୍ଥ ୨୫ ପିଜିଏସ୍ ଗ୍ରାମ ହୋବ୍ରାର ଭୋଲା କୁମାର ସିକନ୍ଦର୍(୩୧), କେରଳ ରାଜ୍ୟ ଜିଲ୍ଲା ମାଲାପପୁରମ ଗ୍ରାମ କିଲାଥୁ ପରମବିଲର ଅର୍ସଦ (୩୦) ଏବଂ ଅଶ୍ୱିନୀ (୩୩)। ସୂଚନାଯୋଗ୍ୟ, ଉକ୍ତ ଚାଲାଣକାରୀମାନେ ବଉଦରୁ କେରଳ ରାଜ୍ୟକୁ ଗଞ୍ଜେଇ ଚାଲାଣ କରୁଥିବା ସୂଚନା ପାଇ ରେଢ଼ାଖୋଲ ଅବକାରୀ ବିଭାଗ ଲଇଣ୍ଡାମାଲ ଗ୍ରାମ ନିକଟ ଛକଠାରେ ଚଢଉ କରିଥିଲା। ଏ ସଂକ୍ରାନ୍ତରେ ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରି ଗିରଫ ଅଭିଯୁକ୍ତ ଯୁବକ ମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ଉରେ ରେଢାଖୋଲ ଅବକାରୀ ବିଭାଗ ଅଧିକାରୀ ଯାଦବ ପ୍ରଧାନ, ଏଏସ୍‌ଆଇ ବନମାଳୀ ନାଏକ, ଶାନ୍ତନୁ ବେହେରା, ଜଗନ୍ନାଥ ମୁଣ୍ଡା, ସୁବାଷିନୀ ମାଝୀ, ରାକେଶ ମହାନ୍ତି, ଦେବରଞ୍ଜନ ବେହେରା, ବଳଭଦ୍ର ବେହେରା ପ୍ରମୁଖ ସାମିଲ ଥିଲେ।




## ଆଉ କେତେ ଟଙ୍କାରେ ଉପଯୋଗୀ ହୋଇପାରିବ ଶ୍ରଦ୍ଧା ସାଗର



**କୁଚିଣ୍ଡା, ୨୩।୩(ସମିସ):** କୁଚିଣ୍ଡା ଏନ୍‌ଏସିର ୱାର୍ଡ ନଂ ୧୧ଜନବସତି ମଧ୍ୟ ଭାଗରେ ଥିବା ଶ୍ରଦ୍ଧା ସାଗରର ଉନ୍ନତି ପାଇଁ କେତେବେଳେ ପଙ୍କୋଦ୍ଧାର, ଗାର୍ଡୱାଲ ନିର୍ମାଣ, ତୁଠ ନିର୍ମାଣ ଆଦି ନାନା କାର୍ଯ୍ୟ ପାଇଁ ଟଙ୍କା ପରେ ଟଙ୍କା ଖର୍ଚ୍ଚ କରିଚାଲିଛନ୍ତି ସରକାର। ତେବେ ଆଶ୍ଚର୍ଯ୍ୟର କଥା ଏତେ ଟଙ୍କା ବାରମ୍ବାର ଖର୍ଚ୍ଚ କରାଯାଉଥିଲେ ମଧ୍ୟ ଆଜିସୁଦ୍ଧା ତାହା ଅନୁପଯୋଗୀ ହୋଇପଡ଼ିଛି। ଗାଈଗୋରୁ ପାଣି ଟିକିଏ ପାଇଁ ସାଗର ଭିତରକୁ ପଶିପାରୁ ନାହାନ୍ତି। ମହିଳାମାନେ ଶୌଚ କରିଯିବାକୁ ମଣୁନାହାନ୍ତି। ତାଙ୍କ ପାଇଁ କୌଣସି ପ୍ରକାର ବ୍ୟବସ୍ଥା ହୋଇନାହିଁ। ଏନ୍‌ଏସି ପକ୍ଷରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିଲେ ମଧ୍ୟ ତାହା ଲୋକଙ୍କ କାମକୁ ଆସୁନାହିଁ। ଏଥିପ୍ରତି ଏନ୍‌ଏସି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ବିହିତ ପଦକ୍ଷେପ ନେବାକୁ ଦାବି ହୋଇଛି।

## ହୋଲି ପାଇଁ ରଙ୍ଗପସରା ସଜେଇ ହେଲାଣି

**କୁଚିଣ୍ଡା, ୨୩।୩(ସମିସ):** ରଙ୍ଗର ପର୍ବ ହୋଲି ପାଇଁ କୁଚିଣ୍ଡା ତଥା ଅଖାପାଖ ଅଞ୍ଚଳରେ ରଙ୍ଗର ପସରାମାନ ସଜେଇ ହୋଇଛି। ଭଳିକି ଭଳି ରଙ୍ଗ ଫଗୁ, ୱାଟରକଲର ସାଙ୍ଗକୁ ବହୁ ପ୍ରକାରର ରଙ୍ଗ ବର୍ତ୍ତମାନ ବଜାରରେ ମିଳୁଛି। ପୂର୍ବବର୍ଷ ଅପେକ୍ଷା ଏବର୍ଷ ରଙ୍ଗ ଗୁଡ଼ିକର ଦାମ ବଢ଼ିଯାଇଥିବାରୁ ବହୁ ଗ୍ରାହକ ଯେତେନେବା କଥା ସେତେ ନେଉନାହାନ୍ତି। ବିଭିନ୍ନ ରଙ୍ଗ ୨୦ଟଙ୍କାରୁ ଆରମ୍ଭ କରି ୮ଶହ ଟଙ୍କା ପର୍ଯ୍ୟନ୍ତ ରହିଥିବା ବେଳେ ରଙ୍ଗ ପିଚକାରୀ ଗୁଡିକ ମଧ୍ୟ ୫୦ଟଙ୍କାରୁ ଆରମ୍ଭ ହୋଇ ୨୫ଶହ ଟଙ୍କା ପର୍ଯ୍ୟନ୍ତ ବିକ୍ରି ହେଉଛି। ବାଘ, ଜୋକର ମୁଖା ୫୦ରୁ ୨ଶହ, ଭଳିକି ଭଳି ରଙ୍ଗର ବାଳ ଟୋପି ଆଦିର ଦାମ ଅଧିକ ଥିବାରୁ କେବଳ ଫଗୁ ଉପରେ ଭରସା କରୁଛନ୍ତି ଗ୍ରାହକ।



# ଅଦିନିଆ ବର୍ଷା ପାଣିରେ ମୁଖ୍ୟ ରାସ୍ତା ବେହାଲ

**ଗଣ୍ଡାବାହାଲି, ୨୩।୩(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକର ଗଣ୍ଡାବାହାଲି ଗ୍ରାମର ମୁଖ୍ୟ ରାସ୍ତାରେ ଅଦିନିଆ ବର୍ଷା ପାଣିରେ ଏବେ ପାଣି ଲହଡ଼ି ଭାଙ୍ଗୁଛି। ଏହି ମୁଖ୍ୟ ରାସ୍ତାରେ ପ୍ରତି ଦିନ ଲୋକେ ଯିବା ଆସିବା କରିବା ସହ ଦୁଇ ଚକିଆ ଗାଡି, ବସ୍, ଟ୍ରାକ୍ଟର, ଟ୍ରକ୍, କାର୍ ଆଦି ଯାନବାହନ ଏହି ରାସ୍ତାରେ ଯାତାୟାତ କରିଥାଏ। ପ୍ରତିଦିନ ଛାତ୍ରଛାତ୍ରୀ ବିଦ୍ୟାଳୟକୁ ଯିବା ଆସିବା କରିଥାନ୍ତି। ଏଠାରେ ଜମି ରହିଥିବା ପାଣି ନିଷ୍କାସନ ହେଉ ନ ଥିବାରୁ ଲୋକଙ୍କୁ ବହୁତ ଅସୁବିଧା ହେଉଛି। କିଛି ସମୟରେ ଛୋଟବଡ଼ ଦୁର୍ଘଟଣା ଘଟୁଛି। ରାସ୍ତାରେ ଡ୍ରେନ୍ ବ୍ୟବସ୍ଥା କରାଯିବାକୁ ଦୀର୍ଘ ଦିନ ଧରି ଦାବି କରାଯାଇ ଆସୁଥିଲେ ମଧ୍ୟ ପଞ୍ଚାୟତ କର୍ତ୍ତୃପକ୍ଷ କୌଣସି ଧ୍ୟାନ ଦେଉ ନ ଥିବା ଅଭିଯୋଗ ହେଉଛି। ଏହା ଫଳରେ ଦୁର୍ଗନ୍ଧ ପାଣି ହେତୁ ସ୍ଥାନୀୟ ଜନସାଧାରଣ ନାହିଁ ନ ଅସୁବିଧା ଭୋଗୁଛନ୍ତି। ଲୋକେ ଘରର ଅଳିଆ ଆବର୍ଜନ ପାଣି ରାସ୍ତାରେ ଛାଡୁଛନ୍ତି। ଠାକୁରାଣୀ ଛକ, ତାରିଣୀ ମନ୍ଦିର ଛକ, ଦୁର୍ଗା ପୂଜା ମଣ୍ଡପ ଛକ, ଜଗନ୍ନାଥ ମନ୍ଦିର ଛକ ନିକଟରେ ପାଣି ଜମି ରହୁଛି। ଏଣୁ ମଶା, ମାଛି, ବୃଦ୍ଧି ପାଇଁ ସଂକ୍ରାମକ ରୋଗ ବ୍ୟାପିବାର ଭୟ ଥିବାରୁ ରାସ୍ତାରେ ଜମି ଥିବା ପାଣିକୁ ନିଷ୍କାସନ କରିବା ପାଇଁ ସ୍ଥାନୀୟ ଲୋକେ ଦାବି କରୁଛନ୍ତି। ତେବେ ଅଳ୍ପ ବର୍ଷାରେ ପାଣି ଜମୁ ଥିବାବେଳେ ବର୍ଷା ଋତୁରେ ସ୍ଥିତି ଅସମ୍ଭାଳ ହେବା ଆଶଙ୍କା ପ୍ରକାଶ ପାଉଛି। ପ୍ରଶାସନ ତରଫରୁ ଡ୍ରେନ ନିର୍ମାଣ କଲେ ପାଣି ନିଷ୍କାସନ ହେବ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି।



## ଖଟଖଟିଆ ପଞ୍ଚାୟତରେ ଆବାସ ଅନିୟମିତତା

# ଗୋଚର ଜମିରେ ଆବାସ ଗୃହ

**ଶଗଡ଼ା, ୨୩।୩(ସମିସ)**

ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଖଟଖଟିଆ ପଞ୍ଚାୟତରେ ଆବାସ ଦୁର୍ନୀତି ଚରମ ସୀମାରେ ପହଞ୍ଚିଛି। ସରକାରୀ ଜମିରେ ଆବାସ ଗୃହ ନିର୍ମାଣ କରାଯାଉଥିବା ଅଭିଯୋଗ ହୋଇଛି। ଏହି ଦୁର୍ନୀତିରେ ପଞ୍ଚାୟତ ହାତ ବଢ଼ାଇଛି। ବିଲ୍ କରି ଟଙ୍କା ହଡ଼ପ କରିବାକୁ ସହଯୋଗ କରୁଥିବା ଅଭିଯୋଗ ହୋଇଛି।

## ୧୫୦ବର୍ଗ ଫୁଟରେ ହୋଇଛି ବିଲ୍

ସରକାର ଆବାସ ଗୃହ ନିର୍ମାଣ ପାଇଁ କିଛି ନିୟମ କରଛନ୍ତି; ହେଲେ ପଞ୍ଚାୟତ ସବୁ ସରକାରୀ ନିୟମକୁ ଖୋଲାଖୋଲି ଉଲଂଘନ କରୁଛି। ଖଟଖଟିଆ ପଞ୍ଚାୟତ ବ୍ରାହ୍ମଣୀ ଗ୍ରାମରେ ଆବାସ ଯୋଜନାରେ ବ୍ୟାପକ ଅନିୟମିତତା ହୋଇଥିବା ଦେଖିବାକୁ ମିଳିଛି। ଭାତ ହାଣ୍ଡିରୁ ଗୋଟିଏ ଭାତ ଦେଖିଲା ଭଳି ଗ୍ରାମର ବାସନ୍ତୀ ପ୍ରଧାନଙ୍କ ଆବାସ ଗୃହ ଦେଖିଲେ ଦୁର୍ନୀତି ସ୍ପଷ୍ଟ ଜଣାପଡୁଛି। ନିର୍ମିତ ଘର ୧୫୦ରୁ କମ୍ ବର୍ଗଫୁଟ ଥିବା ବେଳେ ପଞ୍ଚାୟତ କେମିତି ବିଲ୍ କଲା ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନେକ ଘର ୨୩୪ ବର୍ଗଫୁଟ ନ ଥିବା ବେଳେ ଅନେକ ଗୋଟିଏ ଘରେ ଦୁଇଟି ବିଲ୍ କରାଯାଇଛି।

ସରକାର ଗରିବ ଲୋକଙ୍କୁ ମାଗଣାରେ ଆବାସ ଗୃହ ଯୋଗାଇ ଦେବାର ଯୋଜନା କରିଥିଲେ ସୁଦ୍ଧା ବିଭାଗୀୟ କର୍ତ୍ତୃପକ୍ଷ ଲାଭଖୋର ମନୋବୃତ୍ତି ଯୋଗୁ ଯୋଜନାର ସଫଳତା ମିଳୁନି। ତେବେ ଘଟଣା ସମ୍ପର୍କରେ ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ପଚାରିବାରୁ ଏଭଳି କୌଣସି ଦୁର୍ନୀତି ହୋଇ ନ ଥିବା କହି ଏଡାଇ ଦେଇଛନ୍ତି।



# ଜୟ ଯବାନ କ୍ଲବର ନୂତନ କର୍ମକର୍ତ୍ତା

**କୋମନା, ୨୩।୩ (ସମିସ):** ନୂଆପଡ଼ା ଜିଲ୍ଲା କୋମନାସ୍ଥିତ ଜୟ ଜବାନ କ୍ଲବର ନୂତନ କର୍ମକର୍ତ୍ତା ଚୟନ ହୋଇଛି। ସମାଜସେବୀ ବୀରେନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ସଭାପତି ଭାବରେ ପୂର୍ବତନ କୋମନା ସରପଞ୍ଚ ସଦନ ତିୱାରୀ, ଉପ ସଭାପତି କୈଳାସ ଚନ୍ଦ୍ର ବାଗ, ସମ୍ପାଦକ ଦୁଷ୍ମନ୍ତ ଦୁରିଆ, ସହ ସମ୍ପାଦକ ରମେଶ ପାତ୍ର, କୋଷାଧ୍ୟକ୍ଷ ଦେବେନ୍ଦ୍ର ଜୈନ ପ୍ରମୁଖ ଚୟନ ହୋଇଛନ୍ତି। ଯାଦବ ପ୍ରଧାନ, ବିଜୟ ବଉକ, ଉପେନ୍ଦ୍ର ବାରିକ, ବିନୋଦ ସୁନାନୀ, ପିଛାରୁ ରଣା, ଲଳିତ ଦୁରିଆ, ପର୍ଶୁରାମ ବାରିକ ପ୍ରମୁଖ ସଦସ୍ୟ ଭାବରେ ଚୟନ ହୋଇଛନ୍ତି। ଆଗାମୀ ଦିନରେ ଏହି ଯୁବକ ସଂଘ ଅଞ୍ଚଳର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟରେ ଜଡିତ ରହିବ ବୋଲି ନୂତନ ସଭାପତି ପ୍ରକାଶ କରିଛନ୍ତି।

# ୧୪୦ ବୋତଲ କୋରେକ୍ସ ଜବତ, ୨ ଗିରଫ

**କୋମନା, ୨୩।୩(ସମିସ):** ନୂଆପଡ଼ା ଜିଲ୍ଲା କୋମନା ଅଞ୍ଚଳର ଦୁଇ ଜଣ ବେଆଇନ କଫ ସିରଫ ବ୍ୟବସାୟୀଙ୍କଠାରୁ ପୁଲିସ ୧୪୦ ବୋତଲ କଫ ସିରଫ ଜବତ କରିବା ସହ ସେମାନଙ୍କୁ ଗିରଫ କରିଛି। ଗିରଫ ଦ୍ୱୟ ହେଲେ କୁରେଶ୍ୱର ଗ୍ରାମର ରମେଶ କେତକି (୩୦) ଓ କୋମନା ସହରର ଅମରନାଥ ବିଶି। ଏହି ମାମଲାରେ ତୁରେକେଲାର ମଣ୍ଟୁ ରଣା, ନେତ୍ରାନନ୍ଦ ସାହୁ ଓ ମାଧବ ନାଏକ ଫେରାର ହୋଇ ଯାଇଛନ୍ତି। ଗିରଫ ଦ୍ୱୟଙ୍କ ଠାରୁ ୧୨, ୦୪୦ ଟଙ୍କା ଓ ଏକ ବାଇକ ଜବତ ହୋଇଥିବା କୋମନା ଆଇଆଇସି ସୁମନ୍ତ କୁମାର ନାଏକ ପ୍ରକାଶ କରିଛନ୍ତି।



# ରାସ୍ତା କଡ଼ରେ ଛକିଛି ବିପଦ

**ସୋନପୁର, ୨୩।୩ (ସମିସ):** ସୋନପୁର ସହରର ମୁଖ୍ୟ ରାସ୍ତା କଡରେ ବିପଦ ଛକି ରହିଛି। କେତେବେଳେ ଯେ କ'ଣ ଅଘଟଣ ନ ଘଟିବ କହି ହେବ ନାହିଁ। ଅଘଟଣ ହେବା ଯାଏଁ ପୌର ପ୍ରଶାସନ ଅପେକ୍ଷା କରି ରହିଛି କି ବୋଲି ସାଧାରଣରେ ପ୍ରଶ୍ନ ହୋଇଛି। ସୋନପୁର ସହରର ଟିକ୍ରିପଡ଼ା-ତେନ୍ତୁଳିଘାଟ ରାସ୍ତାର ଡାହାଣ ପାର୍ଶ୍ୱ ମହାରଣା ପଡ଼ାରେ ରାସ୍ତାକୁ ଲାଗି ବିପଦପୂର୍ଣ୍ଣ ଭାବେ ଖୋଲା ଡ୍ରେନ୍ ରହିଛି। ଏହା ଏକ ବିରାଟକାୟ ଡ୍ରେନ୍ ଏବଂ ରାସ୍ତା ସହ ସମତୁଲ ଭାବେ ଥିବାରୁ ଦେଖା ଯାଉନାହିଁ। ଅଜଣା ଲୋକ ଏହି ରାସ୍ତାରୁ କାର୍ କିମ୍ବା ବାଇକ୍‌ରେ ଗଲା ବେଳେ ଟିକିଏ ଅସାବଧାନ ହେଲେ ଖାଲ ଭିତରକୁ ଗାଡି ଖସି ପଡ଼ିବ। ତେବେ ଏହା ଛୋଟ ଛୁଆ ଏବଂ ଗାଈଗୋରୁଙ୍କ ପାଇଁ ପ୍ରତି କ୍ଷଣରେ ବିପଦ ସାଜିଛି। କେଉଁ ଶିଶୁ ଡ୍ରେନ୍‌ରେ ଖସି ପଡ଼ିଲେ ବଡ ବିପଦ ହେବାର ଆଶଙ୍କା ରହିଛି। ସହରାଞ୍ଚଳରେ କୌଣସି ଡ୍ରେନ୍ ଖୋଲା ନ ରଖିବାକୁ ନିର୍ଦ୍ଦେଶ ରହିଥିଲେ ମଧ୍ୟ ଏହାକୁ କାହାରି ଖାତିର ନାହିଁ ଭଳି ଅନୁମେୟ ହେଉଛି। ଖୋଲା ଡ୍ରେନ୍ ଯୋଗୁଁ ଦୁର୍ଗନ୍ଧ ହେବା ସହ ମଶା ମାଛି ବୃଦ୍ଧି ପାଉଥିବା ନେଇ ସ୍ଥାନୀୟ ଜନ ସାଧାରଣ ଅଭିଯୋଗ କରିଛନ୍ତି।




# ଅସହାୟଙ୍କ ଶବ ସତ୍କାର କଲେ ସମାଜସେବୀ

**ବଲାଙ୍ଗିର, ୨୩।୩(ସମିସ):** ଗତ ବୁଧବାର ଦିନ ବେଲପଡ଼ା ବ୍ଲକ ମାଲିପଡ଼ା ପୋଖରୀ ପାଖରେ ଅସହାୟ ଅବସ୍ଥାରେ ଏକ ମୃତ ଶରୀର ପଡ଼ି ଥିବା ଗାଁ ଲୋକେ ଦେଖି ପୁଲିସକୁ ଖବର ଦେଇଥିଲେ। ପୁଲିସ ମୃତଦେହ ଜବତ କରି ବଲାଙ୍ଗୀର ଭୀମଭୋଇ ମେଡିକାଲ ଶବ ସଂରକ୍ଷଣ କେନ୍ଦ୍ରକୁ ଆଣି ଶବ ବ୍ୟବଚ୍ଛେଦ କରି ଶବ ଗୃହରେ ରଖିଥିଲେ। ଦୀର୍ଘ ୭୨ ଘଣ୍ଟା ପରେ ମଧ୍ୟ ମୃତବ୍ୟକ୍ତିର ପରିଚୟ ନ ମିଳିବାରୁ ପୁଲିସ ବଲାଙ୍ଗିର ଯୁବ ସମାଜସେବୀମାନଙ୍କୁ ଶବସତ୍କାର କରିବା ପାଇଁ ଦେଇଥିଲେ। ବିଭୂତିପଡ଼ା ସ୍ୱର୍ଗଦ୍ୱାର ରେ ଶବଦାହ କରିଥିଲେ।। ମହମ୍ମଦ ବବଲୁ, ଉମାକାନ୍ତ ସେଠ, ଅଜୟ ନାଗ, ଇନ୍ଦ୍ରମଣି ସାହୁ ପ୍ରମୁଖ ମିଶି ଶବସତ୍କାର କରିଥିଲେ।



# ମାଁ ଭଣ୍ଡାରମାଉଲି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ: ଘଣ୍ଟିଗୁଡ଼ା ଚାମ୍ପିଅନ

**ହାତୀବନ୍ଧା, ୨୩।୩(ସମିସ):** ସିନାପାଲି ବ୍ଲକ ଭରୁଆମୁଣ୍ଡା ପଞ୍ଚାୟତ ଚଚରାଭଟା ମହାବନ୍ଦ ଖେଳ ପଡ଼ିଆରେ ଚାଲିଥିବା ମାଁ ଭଣ୍ଡାର ମାଉଲି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଚଚରା ଭଟା ଓ ଘଣ୍ଟିଗୁଡା ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଘଣ୍ଟିଗୁଡା ଦଳ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ୧୧ ଓଭର ୨ ବଲ୍‌ରେ ସମସ୍ତ ଉଇକେଟ ହରାଇ ୧୧୦ ରନ୍ ସଂଗ୍ରହ କରିଥିଲା। ଜବାବରେ ଚଚରାଭଟା ଦଳ ୧୨ ଓଭରରେ ସମସ୍ତ ୱେକେଟ ହରାଇ ମାତ୍ର ୮୧ ରନ୍ କରି ପରାଜୟ ହୋଇଥିଲା। ଚାମ୍ପିଅନ ଦଳକୁ ୧୮ ହଜାର ଟଙ୍କା ସହ ଟ୍ରଫି ଏବଂ ରନର୍ସ ଅପ୍ ଦଳକୁ ୧୨ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଛି। ଅମ୍ପାୟାର ଭାବେ ରୋମାଞ୍ଚଳ ଭୋଇ ଓ ଯଦୁମଣି ନିଆଲ ସହଯୋଗ କରିଥିଲେ। ଏଥିରେ ପଶ୍ଚିମ ଓଡ଼ି।। ବିକାଶ ପରିଷଦ ଏକ୍ସପର୍ଟ ମେମ୍ବର ମନ୍ଦାକିନୀ ବାଘେଲ, ବିରଞ୍ଚି ଜଗତ, ସୋଦନ ପଟେଲ, ସଦାନନ୍ଦ ଜଗତ, ସଞ୍ଜୟ ମାଲି ଅତିଥିବ ଭାବେ ଯୋଗ ଦେଇଥିଲେ। ସ୍କୋରିଂରେ ତୁଳାରାମ ତାଣ୍ଡି ସହଯୋଗ ଦେଇଥିଲେ। ଭୀମରାଜ ତାଣ୍ଡି, ପ୍ରକାଶ ପାତ୍ର ଧାରା ବିବରଣୀ ପ୍ରଦାନ କରିଥିଲେ।



# ରାମନବମୀ ପାଳନ ନେଇ ପ୍ରସ୍ତୁତି

**ଖଡ଼ିଆଳ, ୨୩।୩(ସମିସ):** ନୂଆପଡ଼ା ଜିଲ୍ଲା ଖଡ଼ିଆଳସ୍ଥିତ ରାମ ସ୍ୱାମୀ ମନ୍ଦିରରେ ରାମ ନବମୀ ଉତ୍ସବ ପାଳନ ସକାଶେ ପ୍ରସ୍ତୁତି ଆରମ୍ଭ ହୋଇଛି। ଏଥି ସକାଶେ ଏକ ପରିଚାଳନା କମିଟି ଗଠିତ ହୋଇଛି। ସର୍ବ ସମ୍ମତିକ୍ରମେ କ୍ରମେ ସଭାପତି ଭାବେ ଜଗଦୀଶ ପ୍ରସାଦ ତ୍ରିବେଦୀ, ସମ୍ପାଦକ ଭାବେ ସଞ୍ଜୟ ତିୱାରୀ, କୋଷାଧ୍ୟକ୍ଷ ଭାବେ ବିକାଶ ଶୁକ୍ଲା, ସଦସ୍ୟ ସଦସ୍ୟ ଭାବେ ସୁଜିତ୍ ପାତ୍ର, ସୁରେନ୍ ଶର୍ମା, ପ୍ରକାଶ ଶର୍ମା, ରାଜୁ ନାଇଖୋର୍, ମିଥୁନ ସିନ୍ଧୁର, ଛବିଲାଲ ଦୀପ, ବିକାଶ ଠାକୁର, ଚକ୍ର କୁମାର, ଦୀପକ ବର୍ମା, ବିକାଶ ଅଗ୍ରୱାଲ, ଅମିତ୍ ଅଗ୍ରୱାଲ, ଅଜିତ ସୋନି ପ୍ରମୁଖ ମନୋନୀତ ହୋଇଛନ୍ତି।

# କଂଗ୍ରେସ ପକ୍ଷରୁ ଗ୍ୟାରେଣ୍ଟି କାର୍ଡ ଉନ୍ମୋଚିତ

**ସୋନପୁର, ୨୩।୩ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ସ୍ଥାନୀୟ ଏକ ହୋଟେଲର ସମ୍ମିଳନୀ କକ୍ଷରେ ଗ୍ୟାରେଣ୍ଟି କାର୍ଡ ଉନ୍ମୋଚିତ ହୋଇଛି। ଜିଲ୍ଲା ସଭାପତି ବିନୋଦ ପାତ୍ରଙ୍କ ନେତୃତ୍ୱରେ ଦଳୀୟ ନିର୍ବାଚନୀ ଇସ୍ତାହାର ଉନ୍ମୋଚନ କ ର ା ଯ ା ଇ ଛି । ଏଥିରେ ସୁବର୍ଣ୍ଣପୁର ଜିଲ୍ଲା ପର୍ଯ୍ୟବେକ୍ଷକ ଭାବରେ ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂଭୋଇ ଯୋଗଦେଇ କଂଗ୍ରେସର ନିର୍ବାଚନୀ ଗ୍ୟାରେଣ୍ଟି କାର୍ଡକୁ ଉନ୍ମୋଚନ କରିଥିଲେ। ଏହାରି ଆଧାରରେ ଏଥର ଦଳ ଲୋକଙ୍କ ପାଖରେ ପହଞ୍ଚିବ ବୋଲି ସେ କହିଥିଲେ। କଂଗ୍ରେସ ଶାସନକୁ ଆସିଲେ କୃଷକଙ୍କ କୃଷି ଋଣ ଛାଡ, ବିଜୁଳି ୨୦୦ ୟୁନିଟ ପର୍ଯ୍ୟନ୍ତ ମୁକ୍ତ, ପ୍ରତ୍ୟେକ ପରିବାର ମୁଖ୍ୟ ମହିଳାଙ୍କୁ ଗୃହଲକ୍ଷ୍ମୀ ଯୋଜନାରେ ୨ ହଜାର ଟଙ୍କା, ଆଦିବାସୀ ମହିଳାଙ୍କୁ ୩ ହଜାର ଟଙ୍କା ସହାୟତା, ଗ୍ୟାସ ଦର ୫ଶହ ଟଙ୍କା, ୫ଲକ୍ଷ ଯୁବକ ଯୁବତୀଙ୍କୁ ନିଯୁକ୍ତି, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଋଣ ମାଫ ଭଳି ୧୦ଟି ଗ୍ୟାରେଣ୍ଟି ଘୋଷଣା କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା କଂଗ୍ରେସ ପକ୍ଷରୁ ପୂର୍ବତନ ଜିଲ୍ଲା ସଭାପତି ଗୌରୀ ଶ୍ୟାମ ପଣ୍ଡା, କଂଗ୍ରେସ ରାଜ୍ୟ ସମ୍ପାଦକ ଜିତେନ୍ଦ୍ର ପଟ୍ଟନାୟକ, ସୁଧୀର ପଣ୍ଡା, ପ୍ରିୟବ୍ରତ ସାହୁ, ରାଜେଶ ମିଶ୍ରଙ୍କ ସମେତ ଜିଲ୍ଲା କଂଗ୍ରେସର ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।



# କଂଗ୍ରେସର ନିର୍ବାଚନୀ ଇସ୍ତାହାର ଜାରି

**ନୂଆପଡ଼ା, ୨୩।୩(ସମିସ):** ନୂଆପଡ଼ା ଜିଲ୍ଲା ସଦର ମହକୁମାସ୍ଥିତ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ନିର୍ବାଚନୀ ଇସ୍ତାହାର ସାର୍ବଜନୀନ କରାଯାଇଛି। ୧୦ଟି ଗ୍ୟାରେଣ୍ଟି ଉପରେ କଂଗ୍ରେସ ରାଜ୍ୟ ସଭାପତି ଶରତ ପଟ୍ଟନାୟକ ଏବଂ କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା ପ୍ରକାଶ କରିଛନ୍ତି। ଏହି ଅବସରରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କଂଗ୍ରେସ ତରଫରୁ ଜିଲ୍ଲା ସଭାପତି ସୁରେଶ ଆଜାଦ, ଅଭୟ ଯୋଷୀ, ଦେବଦତ୍ତ ଦୀକ୍ଷିତଙ୍କ ସମେତ ବହୁ ପଦାଧିକାରୀ ଉପସ୍ଥିତ ଥିଲେ।

# ଚିନ୍ତାରେ କୁମ୍ଭକାର ପରିବାର; ବୁଡ଼ି ଯାଉଛି କୌଳିକ ବୃତ୍ତି

**ଭବାନୀପାଟଣା, ୨୩।୩ (ସମିସ)**

ଅନୁସୂଚିତ ଜନଜାତି ବର୍ଗ ଭାବେ ପୂର୍ବରୁ ୬୪ଟି ଜନଜାତି ରହିଥିଲେ ହେଁ କୁମ୍ଭାରମାନଙ୍କୁ କେଉଁ କୁଳର କରାଯାଇନାହିଁ। କିନ୍ତୁ ଇତିମଧ୍ୟରେ ସମ୍ବିଧାନର ଅନୁସୂଚୀତ ଜାତି ଓ ଜନଜାତି ତାଲିକାରେ କନ୍ଧ କୁମ୍ଭାର ସାମିଲ କରାଯାଇଥିବା କୁହାଯାଇଛି। ଯଦି କନ୍ଧ କୁମ୍ଭାରଙ୍କ କ୍ଷେତ୍ରରେ ସୁବିଧା ଉପଲବ୍ଧ ହୁଏ ତେବେ କଳାହାଣ୍ଡି କୁମ୍ଭାରଙ୍କ କଥା ବିଚାର କରାଯାଉ ବୋଲି ଜିଲ୍ଲା କୁମ୍ଭାର (କୁରାଳ) ସମାଜର ସଭାପତି ତଥା ରାଜ୍ୟ ମହା ସଚିବ କେଦାର ରଣା ଦାବି ଜଣେଇଛନ୍ତି। କାରଣ ଯେଉଁ କନ୍ଧ କୁମ୍ଭାରମାନେ ଅନ୍ୟ ଜିଲ୍ଲାରେ ରହି ଆସୁଛନ୍ତି ସେମାନଙ୍କ ସହିତ ବିବାହ ଭଳି ସାମାଜିକ ସମ୍ପର୍କ ସ୍ଥାପନ କରାଯାଉଛି। ଜିଲ୍ଲାରେ ଥିବା ୨୮ ହଜାର ପରିବାରର ୧ ଲକ୍ଷରୁ ଊର୍ଦ୍ଧ୍ୱ କୁମ୍ଭାରଙ୍କ ସମସ୍ୟା ବିଚାର କରି ଉଚିତ ନ୍ୟାୟ ପ୍ରଦାନ କରାଗଲେ ଉପକୃତ ହେବୁ କଳାହାଣ୍ଡି କୁମ୍ଭାର ସମାଜ ପକ୍ଷରୁ ନିବେଦନ କରାଯାଇଛି। ଅନ୍ୟପକ୍ଷରେ ଆଧୁନିକତାର ଚାକଚକ୍ୟ ଦୁନିଆରେ କୁମ୍ଭକାରଟିଏ କିପରି ବଞ୍ଚିବ ତାହା ଭାବି ଅଣନିଃଶ୍ୱାସୀ ମନେହେଉଛି। ପରିବାର ଚଳେଇବାର ବୋଝ ମୁଣ୍ଡ ଉପରେ ଥିଲେ ମଧ୍ୟ ସଭ୍ୟ ସମାଜର ମଣିଷ ପାଇଁ ଯେମିତି କୁମ୍ଭାରଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ଅଲୋଡା ହୋଇଯାଇଛି। କୁମ୍ଭକାରର ଆର୍ଥିକ ସ୍ଥିତିକୁ ଦୋହଲାଇ ଦେଇ ପ୍ଲାଷ୍ଟିକ ନିଜର ରାଜ ଚଳାଇ ଆସୁଛି। ପ୍ଲାଷ୍ଟିକର ବହୁଳ ବ୍ୟବହାର ଭିତରେ ମାଟିରେ ପ୍ରସ୍ତୁତି ସାମଗ୍ରୀକୁ ସମସ୍ତେ ଅଦରକାରୀ ଭାବୁଛନ୍ତି। କେବଳ ବିବାହ ବ୍ରତ ଓ ଶବ ସତ୍କାର ସମୟରେ ପୂଜା ବିଧି ନିମନ୍ତେ ମାଟି ତିଆରି ସାମଗ୍ରୀର ଗୁରୁତ୍ୱକୁ ଉପଲବ୍ଧି କରାଯାଉଛି। ହେଲେ ଆଧୁନିକତା ଆଗରେ ବିକ୍ରିବଟା ଅଭାବରୁ ଏବେ ବୁଡ଼ିବାକୁ ବସିଛି କଳାହାଣ୍ଡି ଜିଲ୍ଲାର କୁମ୍ଭକାରଙ୍କ କୌଳିକ ବୃତ୍ତି। କଳାହାଣ୍ଡି ଜିଲ୍ଲାରେ ଅଖ ଚକ ଘୁରାଇ କଠିନ ପରିଶ୍ରମ ବଳରେ କୁମ୍ଭାର ମାଟିରେ ତିଆରି କରୁଛି ମାଟି ସାମଗ୍ରୀ, ହାଣ୍ଡିକୁଣ୍ଡି, ମାଠିଆ, ଦୀପକଳସ, ସୁରେଇ, ଖପର ଆଦି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ। ପରିଶ୍ରମ ଯେତିକି ତା ତୁଳନାରେ ଏବେ ବିକ୍ରିବଟା ଅଭାବ ଯୋଗୁଁ ଏବେ ନିଜ ବୃତ୍ତି ଠାରୁ ଦୂରେଇବାକୁ ବସିଛି କୁମ୍ଭକାର। ଯଦି ରାଜ୍ୟ ସରକାର ଆଗାମୀ ଦିନରେ ମାଟି କଳା ବୋର୍ଡ ଗଠନ କରି ଆଧୁନିକ ଯନ୍ତ୍ରପାତି ଯୋଗାଇଦିଆନ୍ତି ତେବେ ମନରେ ଉତ୍ସହ ବୃଦ୍ଧି ପାଇଥାନ୍ତା। ଦିନ ଥିଲା ଏମାନେ ବିବାହ, ବ୍ରତ, ମାଙ୍ଗଳିକ ଆଦି କାର୍ଯ୍ୟରେ ମାଟି ସାମଗ୍ରୀର ଚାହିଦା ବେଶ୍ ଥିଲା। ଏବେ କିନ୍ତୁ କଂସା, ପିତ୍ତଳ, ଷ୍ଟିଲ ଓ ପ୍ଲାଷ୍ଟିକ ଆଗରେ ଏବେ ଏସବୁ ଅଲୋଡ଼ା। ଫୁଲ ଗଛର ଗମଲାଠାରୁ ପିଇବା ପାଇଁ ପାଣି ମାଠିଆ ରୋଷେଇ ଲାଗି ମାଟି ହାଣ୍ଡିର ଆବଶ୍ୟକତା ଗୌଣ ହୋଇ ପ୍ଲାଷ୍ଟିକ ବ୍ୟବହାରର ଗୁରୁତ୍ୱ ବୃଦ୍ଧିପାଇଛି। ଏପରିକି ଅନଲାଇନରେ ମଗାଇଲେ ଭେଳିକି ଭେଳି ସାମଗ୍ରୀ ଘରେ ପହଞ୍ଚି ଯାଉଛି। ଏପରି ସ୍ଥିତିରେ କୁମ୍ଭକାର ପରିବାରର ପେଟ ପୋଷଣ ଲାଗି ପ୍ଲାଷ୍ଟିକ ବାଧକ ସାଜିଛି। ଏମିତି ସମୟ ଆସି ଯାଇଛି ଯେ ଦୀପାବଳି ଭଳି ପବିତ୍ର ଉତ୍ସବରେ ମାଟିର ଦୀପକୁ ଭୁଲି ମହମବତୀ ଆଲୋକର ମଜା ନିଆଯାଉଛି। ବିଭିନ୍ନ ସ୍ତରରେ ମାଟି ନିର୍ମିତ ବସ୍ତୁ ପ୍ରତି ଲୋକଙ୍କ ଅନାଦର ଭାବ ବାସ୍ତବିକ କୁମ୍ଭକାର ପରିବାର ପାଇଁ ଅଭିଶପ୍ତ ଜୀବନ ଜିଇଁବାର ରାସ୍ତା ଉନ୍ମୁକ୍ତ କରିଛି। ଖାଲି ସେତିକି ନୁହେଁ ଗ୍ରୀଷ୍ମ ଋତୁ ଆସିଲେ ମାଟି ହାଣ୍ଡିର ଚାହିଦା ବେଶ ଥିଲା ଓ ଗାଁ ଗାଁ ବୁଲି ହାଣ୍ଡି ମାଠିଆ ଧରି କୁମ୍ଭକାର ବୁଲିବା ସହ ଦୁଇ ପଇସା ରୋଜଗାର କରି ହସ ଖୁସିରେ ଚଳୁଥିଲା। ଏବେ କିନ୍ତୁ ବଜାରରେ ବି ଚାହିଦା ନାହିଁ। ଉହଡହ ଖରାରେ ନିଜ ସାମଗ୍ରୀକୁ ଦୁଇ ପଇସାରେ ବିକି ପରିବାର ଚଳାଇବା ପାଇଁ ଚାତକ ପକ୍ଷୀପରି ଚାହିଁ ରହିବାକୁ ପଡୁଛି। କଳାହାଣ୍ଡି ଜିଲ୍ଲାର ୧୩ଟି ବ୍ଲକରେ କୁମ୍ଭକାର ପରିବାରଙ୍କ ସଂଖ୍ୟା କିଛି କମ ନୁହେଁ। ହଜାର ହଜାର ପରିବାର ନିଜକୁ ଅସହାୟ ମନେ କରୁଛନ୍ତି। ଆଜି ସେମାନେ ନିଜର





## 'ମାଟି କଳା ବୋର୍ଡ' ଗଠନ ଦାବି

କୌଳିକ ବୃତ୍ତିକୁ ହରାଉଥିବା ବେଳେ ସେହି ପରିବାର ଗୁଡିକର ଥଇଥାନ ପାଇଁ ଚିନ୍ତା କରିବାର ସମୟ ଆସିଛି। ସେମାନଙ୍କ ଜୀବିକା ହେଲା ମାଟି ସାମଗ୍ରୀ ପ୍ରସ୍ତୁତ କରିବା ହେଲେ ଆଧୁନିକତାର ଯୁଗରେ ଏବେ ଏ ସବୁ ଅଲୋଡା ହେବା କାରଣରୁ ଧୀରେ ଧୀରେ ଏମାନଙ୍କ କୌଳିକ ବୃତ୍ତିରେ ପୂର୍ଣ୍ଣଛେଦ ପଡ଼ିବାକୁ ଯାଉଛି। ଏବେ ଟେରାକୋଟା କୁଶଳୀ କାରିଗରୀଙ୍କୁ ଗୁରୁତ୍ୱ ଦିଆଯାଉଛି। କେତେକ ସୌଖିନୀ ସାମଗ୍ରୀ ପ୍ରସ୍ତୁତ କରି ଘରର ଡ୍ରଇଂ ରୁମରେ ସଜାଇବା ଓ ଅନ୍ୟ ପଟେ ସେମାନଙ୍କ ପାଇଁ ବିକ୍ରିବଟା କରିବା ବ୍ୟତିତ ଗାଁ ଗହଳିରେ ଅତି ଦୟନୀୟ ପରିସ୍ଥିତିକୁ ସାମ୍ନା କରୁଥିବା ପରିବାର ପ୍ରତି ଧ୍ୟାନ ଦେଇ କୁମ୍ଭାର କୁଳର ସାମାଜିକ ଓ ଅର୍ଥନୈତିକ ସ୍ଥିତିକୁ ସୁଦୃଢ଼ କରିବା ଏବେ ସରକାରଙ୍କ ଗୁରୁଦାୟିତ୍ୱ ବୋଲି ଅନେକ ମତ ପ୍ରକାଶ କରିଛନ୍ତି।

# ଶାସ୍ତ୍ରୀୟ ସଙ୍ଗୀତ ଓ ଲୋକ ସଙ୍ଗୀତର ଉତ୍ସବ 'ସଙ୍ଗୀତାୟନ-୨୪'ଉଦ୍‌ଘାଟିତ

**ଭବାନୀପାଟଣା, ୨୩।୩(ସମିସ):** ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟର ସହଯୋଗରେ କଳାହାଣ୍ଡି ଲେଖକ କଳା ପରିଷଦ ତରଫରୁ ସ୍ଥାନୀୟ ଟାଉନ ହଲ ମଞ୍ଚରେ ଦୁଇଦିନିଆ ଶାସ୍ତ୍ରୀୟ ସଙ୍ଗୀତ ଓ ଲୋକ ସଙ୍ଗୀତକୁ ନେଇ ଜାତୀୟ ସ୍ତରୀୟ 'ସଙ୍ଗୀତାୟନ'କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି। ପରିଷଦର ସଭାପତି ଉମେଶ ଚନ୍ଦ୍ର ପଣ୍ଡାଙ୍କ ପୌରୋହିତ୍ୟ ଓ ସମ୍ପାଦକ ଭବନାଥ ରାୟଗୁରୁଙ୍କ ପରିଚାଳନାରେ ସାହିତ୍ୟିକ ରାସବିହାରୀ ବେହେରା ଓ କଳାହାଣ୍ଡି ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ ବେହେରା ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପ୍ରଥମ ସନ୍ଧ୍ୟାରେ କୋଲକାତାରୁ ସୁପ୍ରସିଦ୍ଧ ସନ୍ତୁର ବାଦକ ଚିରୋଦୀପ ସରକାର, ତବଲା ଶିଳ୍ପୀ ବାପ୍ପାଦତ୍ୟ ରାୟ, ସୀତାର ଶିଳ୍ପୀ ସୌମଲ୍ୟ ଭଟ୍ଟାଚାର୍ଯ୍ୟ ଏବଂ ଗୁରୁ ଶୁଭ୍ରାଂଶୁ ମିଶ୍ର(ଓଡ଼ିଶା) ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରିଥିବାବେଳେ ଗୁରୁ ନରେନ୍ଦ୍ର ପଣ୍ଡାଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ବଂଶୀ ବାଦନ ପରିବେଷଣ କରିଥିଲେ। ସଙ୍ଗୀତ କାର୍ଯ୍ୟକ୍ରମକୁ ମନୋଜ ଶର୍ମା ପରିଚାଳନା କରିଥିବାବେଳେ ବହୁ କଳାକାର ଓ ସଙ୍ଗୀତପ୍ରେମୀ ତବଲା, ସନ୍ତୁର ଓ ସୀତାର ଧ୍ୱନରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଉପଭୋଗ କରିଥିଲେ। ଉପସଭାପତି ସୁରେନ୍ଦ୍ର ପ୍ରସାଦ ନେଗୀ ଧନ୍ୟବାଦ ଅର୍ପଣ କରିଥିଲେ।

# ହୋଲି ପାଇଁ ଚଳଚଞ୍ଚଳ ସହର




**ଝାରସୁଗୁଡ଼ା, ୨୩।୩(ସମିସ):** ଆଉ ଗୋଟିଏ ଦିନ ପରେ ହୋଲି। ଏହି ପରିପ୍ରେକ୍ଷୀରେ ଝାରସୁଗୁଡ଼ା ସହର ସମେତ ଆଖପାଖ ଅଞ୍ଚଳ ଚଳଚଞ୍ଚଳ ହୋଇପଡ଼ିଛି। ଝାରସୁଗୁଡ଼ା ସହରରେ ସବୁ ବର୍ଗର ଲୋକ ବସବାସ କରୁଥିବା ବେଳେ ହୋଲିରେ ସମସ୍ତେ ଏକତ୍ରିତ ହୋଇ ଖେଳିବେ। ହୋଲି ପର୍ବ ପାଇଁ ପ୍ରସ୍ତୁତି ପର୍ବ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ସହରର ସରବାହାଲ ଜଗନ୍ନାଥ ମନ୍ଦିର ତ୍ରିନାଥ ମନ୍ଦିର ହନୁମାନ ମନ୍ଦିର ବୁଡ଼ାପଡ଼ା ବୁରୋମାଲ ରାଧା ମାଧବ ମନ୍ଦିର, ବେହେରାମାଲ ରାଧା ମାଧବ ମନ୍ଦିର, ଖଜେଶ୍ୱର ଶିବ ମନ୍ଦିର, ପାହାଡ଼ି ମନ୍ଦିର, ବିଟିଏମ ଶିବ ମନ୍ଦିର, ଝଣାଛକ ସାଇ ମନ୍ଦିର ସମେତ ବିଭିନ୍ନ ମନ୍ଦିରରେ ହୋଲି ପର୍ବ ପାଇଁ ପ୍ରସ୍ତୁତି ଶେଷ ହୋଇଛି। ସହରର ବିଭିନ୍ନ ସାମାଜିକ ଅନୁଷ୍ଠାନ, ବିଭିନ୍ନ କ୍ଲବ, ଶିକ୍ଷାନୁଷ୍ଠାନ ବୁଡ଼ାପଡ଼ା ବୁରୋମାଲ ଭିନ୍ନକ୍ଷମ ବିଦ୍ୟାଳୟ ସମେତ ବିଭିନ୍ନ ସ୍ଥାନରେ ହୋଲି ପର୍ବ ପାଳନ କରାଯିବ। ହୋଲି ପର୍ବ ପାଇଁ ସହରର ପୁରୁଣା ବସଷ୍ଟାଣ୍ଡ, ବେହେରାମାଲ, ରେଳଷ୍ଟେସନ ଛକ, ଝଣା ଛକ, ସରବାହାଲ, ବଡ଼େଇ ମୁଣ୍ଡା ଓ ବିଟିଏମ ସମେତ ବିଭିନ୍ନ ସ୍ଥାନରେ ରାସ୍ତା ଦୁଇ ପାର୍ଶ୍ୱରେ ଅସ୍ଥାୟୀ ଦୋକାନ ଗୁଡ଼ିକରେ ବିଭିନ୍ନ ରଙ୍ଗ ବିକ୍ରି ହେଉଛି। ବିଭିନ୍ନ ଦୋକାନ ଗୁଡ଼ିକରେ ଗ୍ରାହକଙ୍କ ଭିଡ଼ ଦେଖିବାକୁ ମିଳୁଛି। ଗତ ବର୍ଷ ଠାରୁ ଚଳିତ ବର୍ଷ ରଙ୍ଗ ଦରଦାମ୍ ବଢ଼ିଥିବା ବେଳେ ଗ୍ରାହକ କିଣିବାକୁ ପଛଘୁଞ୍ଚା ଦେଉ ନ ଥିବା ପରିଲକ୍ଷିତ ହେଉଛି। ଚାଇନିଜ୍ ରଙ୍ଗ ଛାଡ଼ି ଦେଶୀ ରଙ୍ଗ ପ୍ରତି ଗ୍ରାହକ କିଣିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି।

# ଟିଆର୍‌ଏଲ୍ କ୍ରୋସାକିର ଜଳବାୟୁ ସଂରକ୍ଷଣକୁ ନେଇ ବଡ଼ ପଦକ୍ଷେପ

**ଝାରସୁଗୁଡ଼ା, ୨୩।୩(ସମିସ)**

ବେଲପାହାଡ଼ସ୍ଥିତ ଟିଆରଏଲ କ୍ରୋସାକି କମ୍ପାନୀ ଜଳବାୟୁ ସଂରକ୍ଷଣ ତଥା ପ୍ରଦୂଷଣ ମୁକ୍ତ ଇନ୍ଧନ ବ୍ୟବହାର କରି ପରିବେଶ ସଂରକ୍ଷଣ ଓ ସ୍ଥିରତା କ୍ଷେତ୍ରରେ ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛି। ଟିଆରଏଲ କ୍ରୋସାକି ରିଫ୍ରାକ୍ଟୋରୀ ଲିମିଟେଡ୍ ପରିବେଶ ପ୍ରତି ଦାୟିତ୍ୱବାନ ଉପାୟରେ ବ୍ୟବସାୟ ଚଳାଇବା ପ୍ରତିବଦ୍ଧତାର ଏକ ଉଦାହରଣ ଭାବରେ ନିଜର କ୍ଲିନ୍ ଏବଂ ଫର୍ଣ୍ଣେସ ମାନଙ୍କରେ ଫର୍ଣ୍ଣେସ୍ ତେଲ, ହାଇସ୍ପିଡ୍ ଡିଜେଲ, କୋଇଲା ଇତ୍ୟାଦି ବଦଳରେ ପ୍ରାକୃତିକ ଗ୍ୟାସର ବ୍ୟବହାର କରିଛି। ପ୍ରାକୃତିକ ଗ୍ୟାସର ବ୍ୟବହାର ଏକ ପରିଷ୍କାର ଇନ୍ଧନ ହୋଇଥିବାରୁ ପାରମ୍ପରିକ ଇନ୍ଧନ ବ୍ୟବହାର ଜନିତ ପ୍ରଦୂଷଣକୁ ଦୂର କରାଯାଇପାରିଛି। ଏହି ପରିବର୍ତ୍ତନର ମୂଳ ଉଦ୍ଦେଶ୍ୟ ହେଉଛି ଅଙ୍ଗାରକାମ୍ଳ ହ୍ରାସ କରିବା ଏବଂ ପରିବେଶକୁ ସୁରକ୍ଷା ଦେବା। କମ୍ପାନୀ ଜଗଦୀଶପୁର-ହଳଦିଆ-ବୋକାରୋ-ଧାମରା ପ୍ରାକୃତିକ ଗ୍ୟାସ ପାଇପ ଲାଇନ (ଜେଏଚବିଡିପିଏଲ-୨) ମାଧ୍ୟମରେ ପାଇପ୍ ପ୍ରାକୃତିକ ଗ୍ୟାସ୍ (ପିଏନଜି) ଯୋଗାଣ ପାଇଁ ଗ୍ୟାସ୍ ଅଥରିଟୀ ଅଫ୍ ଇଣ୍ଡିଆ ଲିମିଟେଡ୍ (ଗେଲ ଇଣ୍ଡିଆ) ସହିତ ଗ୍ୟାସ୍ ବିକ୍ରୟ ଚୁକ୍ତିନାମା (ଜିଏସଏ) ସ୍ୱାକ୍ଷର କରିଛି। କମ୍ପାନୀ ଏହି ପରିବେଶ ଅନୁକୂଳ ପ୍ରକଳ୍ପର କାର୍ଯ୍ୟକାରିତା ପାଇଁ ୨୭ କୋଟିରୁ ଅଧିକ ଟଙ୍କା ବିନିଯୋଗ କରିଛି। ଟିଆରଏଲ କ୍ରୋସାକି ହେଉଛି ପ୍ରଥମ କମ୍ପାନୀ ଯାହାକି ଗେଲ ଇଣ୍ଡିଆ ଲିମିଟେଡର ଜେଏଚବିଡିପିଏଲ ଫେଜ୍-୨ ପାଇପ୍



ବିତରଣରୁ ପିଏନଜି ବ୍ୟବହାର କରିପାରିଛି।

ଆବଶ୍ୟକ ଆଇନଗତ ଅନୁମୋଦନ ପାଇବା ପରେ ବିଭିନ୍ନ ତାପଜ ୟୁନିଟରେ ପ୍ରାକୃତିକ ଗ୍ୟାସର ବ୍ୟବହାର ସଫଳତାର ସହିତ ଆରମ୍ଭ ହୋଇଛି। ଏହା ସହିତ କମ୍ପାନୀ ବର୍ତ୍ତମାନ ଭାରତର ପ୍ରଥମ ରିଫ୍ରାକ୍ଟୋରୀ କମ୍ପାନୀ ହୋଇପାରିଛି ଯାହା ପ୍ରାକୃତିକ ଗ୍ୟାସକୁ ଉଚ୍ଚ କ୍ଷମତା ଏବଂ ଉଚ୍ଚ ତାପମାତ୍ରା ଟନେଲ କିଲନ୍ ଏବଂ ଫର୍ଣ୍ଣେସ୍‌ରେ ଇନ୍ଧନ ଭାବରେ ବ୍ୟବହାର କରେ। ସାମଗ୍ରିକ କାର୍ବନ ଡାଇଅକ୍ସାଇଡ୍ ନିର୍ଗମନକୁ ହ୍ରାସ କରିବା ବ୍ୟତୀତ ଏହି ପଦକ୍ଷେପ ସୁରକ୍ଷାଜନିତ ବିପଦକୁ ଦୂର କରିବାରେ ତଥା କମ୍ କରିବାରେ, କଠିନ ଏବଂ ତରଳ ବର୍ଜ୍ୟବସ୍ତୁ କାମ କରିବାରେ, ପାରମ୍ପରିକ ଇନ୍ଧନର ସଂରକ୍ଷଣ, ପରିଚାଳନା ଏବଂ ଜଳିବା ସହିତ ଜଡିତ ବାୟୁ ଏବଂ ଜଳ ପ୍ରଦୂଷଣ ହ୍ରାସ କରିବାରେ ମଧ୍ୟ ସାହାଯ୍ୟ କରିବ। ଅନୁମାନ କରାଯାଏ ଯେ ଏହି ରୂପାନ୍ତର ସହିତ କମ୍ପାନୀ ବାର୍ଷିକ ଅଙ୍ଗାରକାମ୍ଳ ନିର୍ଗତକୁ ପ୍ରାୟ ୫୦,୦୦୦ ମେଟ୍ରିକ୍ ଟନ ହ୍ରାସ କରିବ। ଉପରୋକ୍ତ ବିଷୟଗୁଡ଼ିକ ସହିତ ଉତ୍ପାଦର ଗୁଣବତ୍ତା ତଥା ସୁରକ୍ଷାର ଉନ୍ନତି, ରକ୍ଷଣାବେକ୍ଷଣର ସହଜତା, ସ୍ଥିର ତଥା ନିରନ୍ତର ଯୋଗାଣ ଦ୍ୱାରା ଏହି ପ୍ରକଳ୍ପ ସଂଗଠନକୁ ଲାଭଦାୟକ କରିବ କାରଣ ଏହା ପାଇଁ ଇନ୍ଧନର ବହୁଳ ସଂରକ୍ଷଣ ଆବଶ୍ୟକ ନାହିଁ। ସୁରକ୍ଷା ଏବଂ ପରିବେଶ ସ୍ଥିରତାକୁ ପ୍ରାଥମିକତା ଦେବାରେ ଟିଆରଏଲ କ୍ରୋସାକି ବାୟୁ ପ୍ରଦୂଷଣ ନିୟନ୍ତ୍ରଣ, ଜଳ ପ୍ରଦୂଷଣ ନିୟନ୍ତ୍ରଣ, ବିପଜ୍ଜନକ ଏବଂ ଅନ୍ୟାନ୍ୟ ବର୍ଜ୍ୟବସ୍ତୁ ପରିଚାଳନା, ବାୟୋମେଡିକାଲ ବର୍ଜ୍ୟବସ୍ତୁ ପରିଚାଳନା, ଇ-ବର୍ଜ୍ୟବସ୍ତୁ ପରିଚାଳନା, ଗ୍ରୀନ୍ ବେଲ୍ଟ କଭରେଜ୍, ଜୈବ ବିବିଧତାର ବିକାଶ, କାର୍ବନ୍ ଫୁଟ୍‌ପ୍ରିଣ୍ଟରେ ହ୍ରାସ, ବର୍ଜ୍ୟବସ୍ତୁ ହ୍ରାସ, କଞ୍ଚାମାଲର ପୁନଃ ବ୍ୟବହାର ଇତ୍ୟାଦି କ୍ଷେତ୍ରରେ ଉଲ୍ଲେଖନୀୟ ଉନ୍ନତି ଆଣିବାରେ ଅନ୍ୟମ ଉଦ୍ୟମ ପାଇଁ ଅନେକ ଭାରତୀୟ ତଥା ଅନ୍ତର୍ଜାତୀୟ ସଂସ୍ଥା ଦ୍ୱାରା ପୁରସ୍କୃତ ହୋଇପାରିଛି। ଏହି ପ୍ରକଳ୍ପଟି ଆଗାମୀ ଦିନରେ ପରିବେଶ ସ୍ଥିରତା ବଜାୟ ରଖିବା ପାଇଁ କମ୍ପାନୀର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ଏନେଇ ଟିଆରଏଲ କ୍ରୋସାକି କମ୍ପାନୀର ବରିଷ୍ଠ ଅଧିକାରୀ ଡ. ସନ୍ତୋଷ ମିଶ୍ର ଏକ ପ୍ରେସ ବିବୃତିରେ ଜଣାଇଛନ୍ତି।

# ନୂଆପଡ଼ାରେ ଅଷ୍ଟପ୍ରହର ନାମଯଜ୍ଞ

**କୋଲାବିରା, ୨୩।୩(ସମିସ):** କୋଲାବିରା ନାମଯଜ୍ଞ ପଡ଼ିଆଠାରେ ଅଷ୍ଟ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମହିଳାଙ୍କ ଦ୍ୱାରା ଏକ କଳସ ଶୋଭାଯାତ୍ରା ବାହାରି ତେଲେନ ନଦୀରୁ ପାଣି ଆଣି ଯଜ୍ଞମଣ୍ଡପରେ ସ୍ଥାପନ କରାଯାଇଥିଲା। ପରେ ଅଧିବାସ ଯଜ୍ଞ ହୋଇଥିଲା। ମଙ୍ଗଳବାର ନନ୍ଦରାଜା ବରଣ ହୋଇଥିବା ବେଳେ ବୁଧବାର ଠାରୁ କଳସ ଶୋଭାଯାତ୍ରା ଏବଂ ଅଧିବାସ ଆରମ୍ଭ ହୋଇଥିଲା। କୋଲାବିରା ଗ୍ରାମର କୀର୍ତ୍ତନ ମଣ୍ଡଳୀ ସହିତ ଝିଂଜିପାଲି, ସମାସିଂହା, ରଘୁନାଥପାଲି, ତାଳମୁଣ୍ଡା ଆଦି ଗ୍ରାମ ସଂକୀର୍ତ୍ତନମଣ୍ଡଳୀ ଯୋଗ ଦେଇଥିଲେ। କୋଲାବିରା ଗ୍ରାମବାସୀ ତଥା ଗୌରବୃନ୍ଦଙ୍କ ପକ୍ଷରୁ ଆୟୋଜିତ ଏହି ନାମଯଜ୍ଞରେ ମୁଖ୍ୟ ପୂଜକ ଭାବରେ କ୍ଷୀରୋଦ ପୂଜାରୀ ଯୋଗଦେଇ ଯଜ୍ଞାଦିକାର୍ଯ୍ୟ ନିର୍ବାହ କରିଥିଲେ। ନାମଯଜ୍ଞ ଅବସରରେ ଘୃତଯଜ୍ଞ, ନାମଯଜ୍ଞ, ଅନ୍ନଯଜ୍ଞ, ପ୍ରହର ପୂଜନ, ନୈବେଦ୍ୟ ଅର୍ପଣ ଆଦି କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥିଲା। ଏଥିରେ ଗ୍ରାମର ଯଦୁମଣି ମହାପାତ୍ର ସପତ୍ନୀକ କର୍ତ୍ତା କାର୍ଯ୍ୟ ତୁଲାଇଥିଲେ। ଶୁକ୍ରବାର



ପୁଷ୍ପାଞ୍ଜଳି, ଦଧିହାଣ୍ଡି ଭଞ୍ଜନ ସହ ଭକ୍ତ ମହନ୍ତ ବିଦାୟ କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମ ଅବସରରେ ସମସ୍ତ କାର୍ଯ୍ୟରେ ସତ୍ୟନାରାୟଣ ଦାସ, ଦ୍ୱିବେନ୍ଦୁ ଦାସ, ସନ୍ତୋଷ ଦଳାଇ, ଭବାନୀ ଭଞ୍ଜ, ସଲିତ କୁଅଁର, ଶ୍ରୀମନ୍ତ ସାହୁ, ରବି ମହାପାତ୍ର, ନିରଞ୍ଜନ ନାଏକ, ଅଶୋକ ବେହେରା, ରାଜା କୁଅଁର, ଯୋଗୀ ଦାସ, ଶିବା ହୋତା, ବାପି ମହାପାତ୍ର ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ। ନାମଯଜ୍ଞରେ ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଆୟୋଜକଙ୍କ ପକ୍ଷରୁ ଶ୍ରଦ୍ଧାଳୁମାନଙ୍କୁ ଅନ୍ନଭୋଗର ବ୍ୟବସ୍ଥା କରାଯାଇଥିଲା। ଏହି ଅବସରରେ ଲରିଆପାଲି ଏବଂ ଧମାଗ୍ରାମର କୀର୍ତ୍ତନ ଦଳର ବୈଠକ କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ଏଥିରେ ଲରିଆପାଲି ଦଳ ଉତ୍କୃଷ୍ଟ ପ୍ରଦର୍ଶନ କରି ଚାମ୍ପିଅନ ହୋଇଥିଲା।

# ସମଲେଶ୍ୱରୀ ସାହିତ୍ୟ ସଂସଦ ପକ୍ଷରୁ ସହିଦ ଦିବସ

**କୋଲାବିରା, ୨୩।୩(ସମିସ):** ସମଲେଶ୍ୱରୀ ସାହିତ୍ୟ ସଂସଦ ପକ୍ଷରୁ କୋଲାବିରା ସ୍ଥିତ ଅସ୍ଥାୟୀ କାର୍ଯ୍ୟାଳୟ ପରିସରରେ ସଂସଦର ସଭାପତି ଶୋଭାଚନ୍ଦ୍ର ନାଏକଙ୍କ ସଭାପତିତ୍ୱରେ ସହିଦ ଦିବସ ପାଳିତ ହୋଇଯାଇଛି। ଏଥିରେ ସମ୍ପାଦକ କୀର୍ତ୍ତି ଚନ୍ଦ୍ର ବହିଦାର, ଜମିଦାର ବୀର ଅମରେନ୍ଦ୍ର ପ୍ରତାପ ସିଂହ, ବରିଷ୍ଠ ନାଗରିକ ବୀରେନ୍ଦ୍ର କୁମାର ମହାପାତ୍ର, ଡା. ମନୋଜ କୁମାର ପ୍ରଧାନ, ସରପଞ୍ଚ ଚେତାନନ୍ଦ ନଇ, ବିଜେଡି ବ୍ଲକ ଯୁବ ସଭାପତି ପ୍ରବୀଣ ସାହୁ, ଦ୍ୱିବେନ୍ଦୁ ଦାସ୍, ପ୍ରଦ୍ୟୁମ୍ନ କୁମାର ପୁରୋହିତ, ସ୍ମୃତି ରଞ୍ଜନ ରାଏ, ଯୋଗେନ୍ଦ୍ର ରାଏ, ବାପିନା ମହାପାତ୍ର ପ୍ରମୁଖ ଯୋଗଦେଇ ୧୯୩୧ ମାର୍ଚ୍ଚ ୨୩ ତାରିଖ ଦିନ ସ୍ୱାଧୀନତା ସଂଗ୍ରାମୀ ଭଗତ ସିଂ, ସୁଖଦେବ ଥାପର ଓ ଶିବରାମ ରାଜଗୁରୁଙ୍କ ବଳିଦାନକୁ ସ୍ମୃତିଚାରଣ କରିଥିଲେ। ମୁଖ୍ୟବକ୍ତା ଭାବରେ ପଣ୍ଡିତ ତ୍ରୈଲୋକ୍ୟନାଥ ମହାପାତ୍ର ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ୱର ଝଙ୍କାର ସାହିତ୍ୟ ସଂସଦର ସମ୍ପାଦକ ପିଙ୍କୁ ଦାସ, ପୂର୍ବତନ ସରପଞ୍ଚ ତୁଳାରାମ ସେନାପତି, ଦୀଲିପ ସେନାପତି ତଥା ସଂସଦର ସଭ୍ୟଗଣ ଯୋଗ ଦେଇ ସହିଦଙ୍କ ସ୍ମୃତିଚାରଣ କରିଥିଲେ।

# ସରସ୍ୱତୀ ଶିଶୁ ମନ୍ଦିରରେ 'ଘର ହିଁ ବିଦ୍ୟାଳୟ' କାର୍ଯ୍ୟକ୍ରମ

**ବ୍ରଜରାଜନଗର, ୨୩।୩ (ସମିସ):** ବ୍ରଜରାଜନଗର ସରସ୍ୱତୀ ଶିଶୁ ମନ୍ଦିରର ଶିଶୁ ବାଟିକା ବିଭାଗରେ ନୂତନ ଭାବେ ବିଦ୍ୟାଳୟରେ ନାମ ଲେଖାଇଥିବା ଛାତ୍ରଛାତ୍ରୀ ମାନଙ୍କ ଅଭିଭାବକମାନଙ୍କୁ ନେଇ ଘର ହିଁ ବିଦ୍ୟାଳୟ ଦ୍ୱିତୀୟ ସୋପାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି




କାର୍ଯ୍ୟକ୍ରମ ଅବସରରେ ବ୍ରଜରାଜନଗର କୁକ୍ରିକାନୀ ସ୍ଥିତ ସହରାଞ୍ଚଳ ଗୋଷ୍ଠୀ ଚିକିତ୍ସାଳୟର ଡାକ୍ତର ତପସ୍ୱିନୀ ପଣ୍ଡା ମୁଖ୍ୟଅତିଥି ଭାବରେ ଯୋଗଦାନ କରି ନିଜର ଅଭିଭାଷଣରେ ଶିଶୁଙ୍କ ଯତ୍ନବାନ ବିଷୟରେ ଅଭିଭାବକ ମାନଙ୍କୁ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମ୍ପାଦକ ସାହେବ ରାଓ, ପ୍ରଧାନ ଆଚାର୍ଯ୍ୟ ଯୋଗେନ୍ଦ୍ର ନାଥ ଠାକୁର ଶିଶୁ ବାଟିକା ମୁଖ୍ୟ ବୀଣାପାଣି ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ବିଦ୍ୟାଳୟ ପ୍ରଧାନଆଚାର୍ଯ୍ୟ ଯୋଗେନ୍ଦ୍ର ଠାକୁର ଅତିଥି ପରିଚୟ ଓ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଅଭିଭାବକମାନଙ୍କୁ ବିବରଣୀ ପ୍ରଦାନ କରିଥିଲେ। ଶିଶୁ ବାଟିକା ମୁଖ୍ୟ ବୀଣାପାଣି ପଣ୍ଡା ମୁଖ୍ୟଅତିଥିକୁ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ଗୁରୁମା' ମୀରା ରାଉତ ମଞ୍ଚ ସଞ୍ଚାଳନ କରିଥିବା ବେଳେ ଗୁରୁମା' ସୁନୀତି ଭୋଇ ପ୍ରୟୋଗିକା କାଲାଂସ ନେଇଥିଲେ। ପ୍ରଦର୍ଶନୀରେ ଶିଶୁ ଉପଯୋଗୀ ଆହାର ପ୍ରଦର୍ଶନ କରାଯାଇଥିଲା। ଶିଶୁ ବାଟିକା ଗୁରୁମା ଉଷାରାଣୀ ସାମଲ, ପ୍ରେମଲତା ବାରିକ, ସରିତା ସିଂ, ନିରୂପମା ଗୁରୁମା ବିଭିନ୍ନ ପ୍ରକାରର ଦାୟିତ୍ୱ ସମ୍ପାଦନ କରିଥିବା ବେଳେ ସମସ୍ତ ସେବକ ସେବିକା ବିଶେଷ ଭାବରେ ସହଯୋଗ କରିଥିଲେ।

# ଏସ୍‌ପି ଦାୟିତ୍ୱ ନେଲେ ଅନୁପମା ଜେମ୍ସ

**ଦେବଗଡ଼, ୨୩।୩(ସମିସ):** ଦେବଗଡ଼ର ନୂତନ ଏସ୍‌ପି ଭାବେ ଶନିବାର ଅନୁପମା ଜେମ୍ସ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ରାଜ୍ୟ ପୁଲିସ ମୁଖ୍ୟାଳୟରୁ ୨୦୧୩ ବ୍ୟାଚ ମହିଳା ଆଇପିଏସ ଅନୁପମା ଜେମ୍ସଙ୍କୁ ଦେବଗଡ଼ ଏସପି ଭାବେ କାର୍ଯ୍ୟଭାର ଗ୍ରହଣ ପାଇଁ ନିର୍ଦ୍ଦେଶ ମିଳିବା ପରେ ଶନିବାର ପୂର୍ବାହ୍ନରେ ଶ୍ରୀମତୀ ଜେମ୍ସ ପହଞ୍ଚି ଅତିରିକ୍ତ ଏସ୍‌ପି ହେମନ୍ତ ପଣ୍ଡାଙ୍କଠାରୁ କାର୍ଯ୍ୟଭାର ଗ୍ରହଣ କରିଥିଲେ। ଶ୍ରୀମତୀ ଜେମ୍ସ କାର୍ଯ୍ୟାଳୟରେ



ପହଞ୍ଚିବା ପରେ ବିଭାଗ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ତେବେ ଆଗକୁ ସାରଣ ନିର୍ବାଚନ। ଏଣୁ ଭୟମୁକ୍ତ, ଅବାଧ ଓ ନିରପେକ୍ଷ ନିର୍ବାଚନ ପରିଚାଳନା ତାଙ୍କ ମୁଖ୍ୟ ଲକ୍ଷ୍ୟ ରହିବ ବୋଲି ସେ କହିଛନ୍ତି।

ଗତ ୨୧ ତାରିଖ ଭାରତ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ପରେ ଏଠାରେ ଏସ୍‌ପି ଥିବା ରାମ ପ୍ରସାଦ ସାହୁଙ୍କ ବଦଳି ହୋଇଛି। ୨୦୨୪ ସାଧାରଣ ନିର୍ବାଚନ ନିର୍ବାଚନ ପରିଚାଳନା ନିମନ୍ତେ ନେତୃତ୍ୱ ନେବା ପାଇଁ ଯେଉଁ ସବୁ ଜିଲ୍ଲାରେ ନନ୍ କ୍ୟାଡର ଭାରତୀୟ ପ୍ରଶାସନିକ ସେବା କିମ୍ବା ଭାରତୀୟ ପୁଲିସ ସେବା ର୍‌ୟାଙ୍କର ଅଧିକାରୀ ନ ଥିଲେ ସେହି ସ୍ଥାନରେ କମିଶନଙ୍କ ନିର୍ଦ୍ଦେଶରେ ବଦଳି ତାଲିକା ପ୍ରକାଶ ପାଇଥିଲା। ଏଣୁ ରାମ ପ୍ରସାଦ ସାହୁ ନନ୍ କ୍ୟାଡର ଅଧିକାରୀ ଥିବାରୁ ତାଙ୍କୁ ନିର୍ବାଚନ କମିଶନଙ୍କ ଆଦେଶରେ ବଦଳି କରାଯାଇଛି। ଗତ ଜାନୁଆରୀ ୩୧ ତାରିଖରେ ଦେବଗଡ଼ ଏସ୍‌ପି ଭାବେ ରାମପ୍ରସାଦ ଦାୟିତ୍ୱ ଗ୍ରହଣ କରିଥିଲେ।

ଏଠାରେ ପ୍ରକାଶ ଯୋଗ୍ୟ, ୨୦୧୮ ମାର୍ଚ୍ଚ ୨୦ରୁ ୨୦୧୯ ଫେବୃୟାରୀ ୧୩ ପର୍ଯ୍ୟନ୍ତ ଶ୍ରୀମତୀ ଜେମ୍ସ ଦେବଗଡ଼ର ଏସପି ଭାବେ କାର୍ଯ୍ୟ ତୁଲାଇଛନ୍ତି। ଏଣୁ ପୂର୍ବ ଅଭିଜ୍ଞତା ଥିବାରୁ ଏଠାରେ କାର୍ଯ୍ୟ କରିବା ତାଙ୍କୁ ଅଧିକ ସହଜ ହେବ।

# ମୁଣ୍ଡରେ ପିସ୍ତଲ ଲଗାଇ ଇଟା ଫ୍ୟାକ୍ଟ୍ରି କର୍ମଚାରୀଙ୍କଠାରୁ ଦେଢ଼ ଲକ୍ଷ ଲୁଟ୍

**ଦେବଗଡ଼, ୨୩।୩(ସମିସ):** ଦେବଗଡ଼ ଜିଲ୍ଲା କୁଣ୍ଢେଇଗୋଳା ଥାନା ଖଇରପାଲି ଫାଣ୍ଡି ଅଧୀନ ପଳସମା କଲେଜ ନିକଟ ରାସ୍ତାରେ ଜଣେ ଇଟା ଫ୍ୟାକ୍ଟ୍ରି କର୍ମଚାରୀ ଲୁଟ୍‌ର ଶିକାର ହୋଇଛନ୍ତି। ତାଙ୍କ ମୁଣ୍ଡରେ ପିସ୍ତଲ ଲଗାଇ ୨ ଜଣ ଅଜଣା ଦୁର୍ବୃତ୍ତ ଦେଢ଼ ଲକ୍ଷ ଟଙ୍କା ଲୁଟିନେଇ ଫେରାର ହୋଇଯାଇଛନ୍ତି।

ରିଆମାଳ ଥାନା ପାଇକନଗର ଗ୍ରାମର କେଶବ ଘଡେଇ ଓ ସାତକିଆରୀ ଗ୍ରାମର ଦୟାଲ ସିଂ ବଦ୍ରା ଅନୁଗୋଳ ଜିଲ୍ଲା ଜରପଡ଼ା ଥାନା ଲକ୍ଷ୍ମୀଧରପୁର ଗ୍ରାମରେ ଥିବା ମହାମାୟା ଆଶ୍ ବ୍ରିକ୍ସ ଫ୍ୟାକ୍ଟ୍ରିରେ କାର୍ଯ୍ୟ କରନ୍ତି। ସେଠାରେ କାର୍ଯ୍ୟ କରୁଥିବା ଅନ୍ୟ ପ୍ରାୟ ୧୫ ଶ୍ରମିକଙ୍କ ପାଉଣା ବାବଦକୁ କେଶବ ଦେଢ଼ ଲକ୍ଷ ଟଙ୍କା ବାଇକ୍‌ରେ ଧରି ନିଜ ଘର ପାଇକନଗର ଅଭିମୁଖେ ବାହାରିଥିଲେ।କରଲଗା-ପଳସମା ରାସ୍ତାରେ ୨ ଜଣ ଅଜଣା ବ୍ୟକ୍ତି ବାଇକ୍‌ରେ ପହଞ୍ଚି ସେମାନଙ୍କୁ ଅଟକାଇଥିଲେ। ଦୟାଲ ଓ କେଶବ ମୁଣ୍ଡରେ ପିସ୍ତଲ ଲଗାଇ ଭୟଭୀତ କରିବା ସହ ସେମାନଙ୍କ ପାଖରେ ଥିବା ଦେଢ଼ ଲକ୍ଷ ଟଙ୍କା ଲୁଟି ନେଇ ଫେରାର ହୋଇଯାଇଥିଲେ। ଏ ନେଇ କେଶବ କୁଣ୍ଢେଇଗୋଳା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରିବା ସହ ବିଭିନ୍ନ ସ୍ଥାନରେ ଯାଞ୍ଚ ଆରମ୍ଭ କରିଛି। ସୀମାବର୍ତ୍ତୀ ରାସ୍ତାରେ ନାକା କରି ଯାନବାହନ ଯାଞ୍ଚ କଡାକଡି କରିଥିଲେ ମଧ୍ୟ ଦୁର୍ବୃତ୍ତଙ୍କ ଖୋଜ ଖବର ମିଳିପାରି ନାହିଁ।

# କିରିତମାଲ ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ

**ଲଖନପୁର, ୨୩।୩(ସମିସ):** ଲଖନପୁର ବ୍ଲକ ସୀମାନ୍ତ ୧୯ ଖଣ୍ଡ ମୌଜା ଅନ୍ତର୍ଗତ କିରିତମାଲ ଗାଁରେ ଗତ ଗୁରବାର ଆରମ୍ଭ ହୋଇଥିବା ଅଷ୍ଟପ୍ରହର ନାମଯଜ୍ଞ ଶନିବାର ଉଦଯାପିତ ହୋଇଯାଇଛି। ଏହି ଯଜ୍ଞରେ କିଶୋର ପଧାନ, ମମତା ପଧାନ କର୍ତ୍ତର୍ା କାର୍ଯ୍ୟ ନିର୍ବାହ କରିଥିବା ବେଳେ ପୂଜକ ଚୈତନ୍ୟ ଦାସ, ଶଡ଼ ବୈଷ୍ଣବ ଭାବରେ ମଙ୍ଗଳ ରାଉତ, ସନ୍ୟାସୀ ପଧାନ, ସଞ୍ଜୟ ଛଞ୍ଚାଣ, ସୁଦାମ ବିଶି, ସହଦେବ ବାଘ, ଘସିଆ ଭୋଇ ଦାୟିତ୍ୱ ତୁଲାଇଥିଲେ। ଏହି ଆୟୋଜନରେ ଗ୍ରାମବାସୀଙ୍କ ସହ ସୁମନ୍ତ ପଧାନ, ଗଜାନନ ପଧାନ, ଟିମନ କୋକ, ମହେନ୍ଦ୍ର ପୁରୀ, ପ୍ରମୁଖ ସହଯୋଗ କରିଥିଲେ।



# 'ଭୋଟରଙ୍କୁ ପ୍ରତାରଣା କରିଛି ବିଜେପି'

**ଦେବଗଡ଼, ୨୩।୩(ସମିସ):** ୨୦୨୪ ସାଧାରଣ ନିର୍ବାଚନରେ ରାଜ୍ୟବାସୀଙ୍କ ଉନ୍ନତି, ନ୍ୟାୟ ଓ ଅଧିକାର ପ୍ରଦାନ ସହ ନୂଆ ଓଡ଼ିଶା ଗଢିବାକୁ ସଂକଳ୍ପ ନେଇଛି କଂଗ୍ରେସ। ଦେବଗଡ଼ ଜିଲ୍ଲା ବିକାଶରେ ବିଜେପିର ସ୍ଥାନୀୟ ବିଧାୟକ ଓ ସାଂସଦଙ୍କ ଅପାରଗତାକୁ ଦାୟୀ କରି ଦଳୀୟ ନେତା ବର୍ଷିଥିଲେ। ଜିଲ୍ଲାରେ ବେକାର ଯୁବକଙ୍କୁ ନିଯୁକ୍ତି, ଚାଷୀଙ୍କ ସମସ୍ୟାର ସମାଧାନ, ଜିଲ୍ଲାରେ ଶିଳ୍ପର ବିକାଶ ନେଇ ପୂର୍ବ ନିର୍ବାଚନରେ ବହୁ ମିଥ୍ୟା ପ୍ରତିଶୃତି ଦେଇ ବିଜେପି ଦେବଗଡ଼ ଜିଲ୍ଲାରେ ସାଂସଦ ଓ ବିଧାୟକ ଆସନ ଜିତିଛି। ନିର୍ବାଚନ ପରେ ସମସ୍ତ ପ୍ରତିଶ୍ରୁତି ଭୁଲିଯାଇଛନ୍ତି ବିଧାୟକ ଓ ସାଂସଦ। ଉଭୟ ପିସି କାରବାରରେ ଲିପ୍ତ ରହିବା ଯୋଗୁଁ ଜିଲ୍ଲାର ବିକାଶ ସମ୍ପୂର୍ଣ୍ଣ ବନ୍ଦ ହୋଇପଡ଼ିଛି। ଭୋଟରଙ୍କୁ ବିଜେପି ପ୍ରତାରଣା କରିଥିବା ଦଳ ଅଭିଯୋଗ କରିଛି। ଜିଲ୍ଲା କଂଗ୍ରେସ ପକ୍ଷରୁ ସ୍ଥାନୀୟ ରୌନକ ପ୍ଲାଜାଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା କଂଗ୍ରେସ ସଭାପତି ସେମ ହେମ୍ବ୍ରାମ, ରାଜ୍ୟ କଂଗ୍ରେସ ପ୍ରବକ୍ତା ଡକ୍ଟର ବିଶ୍ୱରଞ୍ଜନ ମହାନ୍ତି, ଡକ୍ଟର ସ୍ମୃତି ରଞ୍ଜନ ଲେଙ୍କା, ଆଇନଜୀବୀ ସିଦ୍ଧେଶ୍ୱର ଗୁରୁ,



ସୁବାଷ ଚନ୍ଦ୍ର ଭୋଇ, ମଞ୍ଜୁଳ ନାଏକ, ସୁଶାନ୍ତ ସ୍ୱାଇଁ ପ୍ରମୁଖ ବିଜେପି ଉପରେ ବର୍ଷିଥିଲେ। ଏହି ଅବସରରେ କଂଗ୍ରେସର ଗ୍ୟାରେଣ୍ଟି କାର୍ଡ ପ୍ରଦର୍ଶିତ କରିଛି। ଗୃହ ଜ୍ୟୋତି ଯୋଜନାରେ ଘରୋଇ ବିଜୁଳି ଉପଭୋକ୍ତାଙ୍କ ପାଇଁ ୨ ଶହ ୟୁନିଟ୍ ବିଦ୍ୟୁତ ଦେୟ ଛାଡ଼, ବେକାର ଯୁବକଙ୍କ ପାଇଁ ମାସିକ ଭତ୍ତା ଓ ୫ ଲକ୍ଷ ଯୁବକ ଯୁବତୀଙ୍କୁ ନିଯୁକ୍ତି, ଚାଷୀଙ୍କ ପାଇଁ କୃଷି ଋଣ ଛାଡ଼, ମାସିକ ୨ ହଜାର ଟଙ୍କା ପେନସନ, ଧାନର କୁଇଣ୍ଟାଲ ପିଛା ୩ ହଜାର ବୃଦ୍ଧି, ମହିଳାଙ୍କ ପାଇଁ ୫ ଶହ ଟଙ୍କାରେ ରନ୍ଧନ ଗ୍ୟାସ ସିଲିଣ୍ଡର, ମହିଳାଙ୍କୁ ମାସିକ ୨ହଜାର ଟଙ୍କା ଭତ୍ତା ଓ ଆଦିବାସୀ ଓ ଦଳିତ ମହିଳାଙ୍କୁ ୩ହଜାର ଭତ୍ତା, ଜନ କଲ୍ୟାଣ ଯୋଜନାରେ ୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟବୀମା ମାଧ୍ୟମରେ ମାଗଣା ଚିକିତ୍ସା, ବାର୍ଦ୍ଧକ୍ୟ, ବିଧବା ଓ ଦିବ୍ୟାଙ୍ଗଙ୍କୁ ମାସିକ ୨ ହଜାର ଟଙ୍କା ଭତ୍ତା, ଚାକିରତ ଓ ଶିକ୍ଷାନୁଷ୍ଠାନରେ ପଛୁଆ ବର୍ଗଙ୍କ ପାଇଁ ୨୭ ପ୍ରତିଶତ ସଂରକ୍ଷଣ, ଆଦିବାସୀ ଓ ଦଳିତଙ୍କ ନିଜ ଜମି ଓ ଜଙ୍ଗଲ ଜମି ଉପରେ ସମ୍ପୂର୍ଣ୍ଣ ଅଧିକାର, ଚିଟ୍‌ଫଣ୍ଡ ପ୍ରଭାବିତ ଜମାକାରୀଙ୍କୁ ୬ମାସ ମଧ୍ୟରେ ସୁଧ ସହ ଜମା ରାଶି ଫେରସ୍ତ ଓ ୧୦୦ ଦିନ ମଧ୍ୟରେ ପେସା ଆଇନକୁ କଡାକଡି ଲାଗୁ କରିବାକୁ କଂଗ୍ରେସ ଦିବା ସ୍ୱପ୍ନ ଦେଖାଇଛି।

# ଦିବ୍ୟାଙ୍ଗଙ୍କ ଦ୍ୱାରା କ୍ଷୁଦ୍ର ନାଟିକା 'ଖସୁ ଖୁଜୁରୀ' ପ୍ରଦର୍ଶିତ

**ଝାରସୁଗୁଡା, ୨୩।୩ (ସମିସ)**

ସ୍ଥାନୀୟ ବୁରୋମାଲ ବୁଡାପଡ଼ାସ୍ଥିତ ଜିଲ୍ଲା ଦିବ୍ୟାଙ୍ଗ ବିଦ୍ୟାଳୟ ଇକୋ କ୍ଲବ ପକ୍ଷରୁ ପରିବେଶ ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଓଡ଼ିଶା ସରକାରଙ୍କ ଅନ୍ତର୍ଗତ ସେଣ୍ଟର ଫର ଏନଭାଇରମେଣ୍ଟାଲ ଷ୍ଟଡ଼ିଜ ଭୁବନେଶ୍ୱର ସହଯୋଗରେ ଝାଡ଼େଶ୍ୱରୀ ସ୍ୱତନ୍ତ୍ର ବିଦ୍ୟାଳୟ ପ୍ରେକ୍ଷାଳୟରେ ଆଦ୍ରଭୂମି ସଂରକ୍ଷଣ ଉପରେ ବାର୍ଷିକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ଲକ୍ଷ୍ମୀ ନାରାୟଣ କଲେଜର ପ୍ରାକ୍ତନ ଅଧକ୍ଷ ନରେନ୍ଦ୍ର କୁମାର ପଣ୍ଡା, ମୁଖ୍ୟବକ୍ତା ଇକୋ କ୍ଲବ ଝାରସୁଗୁଡାର ସଂଯୋଜକ ପ୍ରହଲ୍ଲାଦ ନାଏକ ସମ୍ମାନିତ ଅତିଥି ଭାବେ ଝାରସୁଗୁଡା ଓକିଲ ସଙ୍ଘର ସଭାପତି ତ୍ରିନାଥ ଗୁଆଲ, ଇଂ ଅରବିନ୍ଦ ବାରିକ, ଲେଖିକା ପ୍ରଣତି ପଟ୍ଟନାୟକ ଯୋଗ ଦେଇଥିଲେ। ସ୍କୁଲ ପ୍ରତିଷ୍ଠାତା ବିବେକାନନ୍ଦ ମିଶ୍ର ଙ୍କ ସଭାପତିତ୍ୱରେ ସଚିବ ନିକୁଞ୍ଜ ବିହାରୀ ଜ୍ୟୋତିଷ ସଭା ପରିଚାଳନା କରିଥିଲେ।



ଏଥିରେ ସ୍କୁଲ ପକ୍ଷରୁ କ୍ଷୁଦ୍ର ସମ୍ବଲପୁରୀ ପଥପ୍ରାନ୍ତ ନାଟକ 'ଖସୁ ଖୁଜୁରୀ' ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷଣ ହୋଇଥିଲା। ମାନସିକ ଅନଗ୍ରସର ଓ ଦୃଷ୍ଟିବାଧିତ ପିଲାଙ୍କ ନିଖୁଣ ଅଭିନୟରେ ଅତିଥିମାନେ ପ୍ରଶଂସା କରିବା ସହ ପୁରସ୍କାର ରାଶି ପ୍ରଦାନ କରିଥିଲେ। ଆଦ୍ରଭୂମି ସଂରକ୍ଷଣ ଉପରେ ହୋଇଥିବା ଆନ୍ତସ୍କୁଲ ଚିତ୍ରାଙ୍କନ ଓ ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ବରିଷ୍ଠ ଓ କନିଷ୍ଠ ବର୍ଗର କୃତୀ ଛାତ୍ରଛାତ୍ରୀମାନଙ୍କୁ ପ୍ରମାଣପତ୍ର ଓ ସ୍ମୃତି ଫଳକ ଦେବା ସହ ଗାଇଡ଼ ଶିକ୍ଷକ ଶିକ୍ଷିକାମାନଙ୍କୁ ପ୍ରମାଣପତ୍ର ଦିଆ ଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଅଧକ୍ଷା ନମିତା ନାଥ ପରିଚୋଳନା କରିଥିବା ବେଳେ ଦିବ୍ୟାଙ୍ଗଜନ କମିଟିର ସଭ୍ୟ ତାପସ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପରିଶେଷରେ ଅତିଥିମାନଙ୍କୁ ଉପଢ଼ୌକନ, ସ୍ମୃତିଫଳକ ଓ ଫୁଲ ଗଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।। ଦୃଷ୍ଟିବାଧିତ ଛାତ୍ରୀମାନଙ୍କ ସହ ସମବେତ କଣ୍ଠରେ ବନ୍ଦେ ଉତ୍କଳ ଜନନୀ ଗାନ କରା ଯାଇଥିଲା।

# ଦେହେରିଢିପାରେ ଚବିଶ ପ୍ରହର ନାମଯଜ୍ଞ

**ଲଖନପୁର, ୨୩।୩(ସମିସ):** ଲଖନପୁର ବ୍ଲକ ସୀମାନ୍ତ ପିଥିଣ୍ଡା ପଞ୍ଚାୟତ ଦେହେରିଢିପା ଗାଁରେ ଚବିଶ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଯଜ୍ଞରେ ସୁଶୀଲ ବରଗାୟତ ସପତ୍ନିକ କର୍ତ୍ତା ଥିବା ବେଳେ ପୂଜକ ଶଶୀଭୂଷଣ ଦାସ ଶଡ଼ ବୈଷ୍ଣବ ଶିବ ସାହୁ, ବନବସ ଦେହେରୀ, ରାଜକୁମାର ପଧାନ, ବାଲେଶ୍ୱର ଦେହେରୀ, ଅକ୍ଷ ରଣା, ସୁରେଶ ରଣା ପ୍ରମୁଖ ଦାୟିତ୍ୱ ନିର୍ବାହ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସମସ୍ତ ଗ୍ରାମବାସୀଙ୍କ ସହିତ ନରେଶ ଦେହେରୀ, କୁମୋଦ ଦେହେରୀ, ରଞ୍ଜିତ ଦେହରୀ, ଗଙ୍ଗାଧର ସା, ଶରତ ଦେହେରୀ, ଉମେଶ ଦେହେରି, ଅଶ୍ୱିନୀ ଦେହେରୀ, ରୋହିତ ରଣା, ବିଶେଷ ଦେହେରୀ, ଗୌର ଦେହେରୀ ପ୍ରମୁଖ ସହଯୋଗ କରିଥିବା ବେଳେ ଆଖପାଖ ଅଞ୍ଚଳରୁ ଶତାଧିକ ଶ୍ରଦ୍ଧାଳୁ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସାଫଲ୍ୟ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରଗଡ଼ ଜିଲ୍ଲାର ଉଲୁଣ୍ଡା ଓ ହୀରଲୀପାଲି ସଂକୀର୍ତ୍ତନ ମଣ୍ଡଳୀ ଉପସ୍ଥିତ ରହି ନଗର ସଂକୀର୍ତ୍ତନ କରିଥିଲେ।



